**ବୀରବଲ ହତ୍ୟାକାଣ୍ଡ: ମୁଖ୍ୟ ଅଭିଯୁକ୍ତ ଗିରଫ**

ବ୍ରଜରାଜନଗର,(ଡି.ଏନ.ଏ.): ସ୍ଥାନୀୟ ଓରିଏଣ୍ଟ ଥାନା ଅନ୍ତର୍ଗତ ଆଦର୍ଶନଗର କଲୋନୀ ବୀରବଲ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଜୟରାମ ରାଏ (୨୪)ଙ୍କ ଶନିବାର ଓରିଏଣ୍ଟ ପୋଲିସ ବୁର୍ଲାରୁ ଗିରଫ କରିଛି । ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ ଯେ, ଗତ ବର୍ଷ ସେପ୍ଟେମ୍ବର ୨୩ରେ ୪ଜଣ ସାଙ୍ଗ ବୀରବଲଙ୍କୁ ଧରି ତାର ବେକ କାଟି ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ପୋଲିସ ସେହି ମାସ ୨୬ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ସଂକ୍ଷେପରେ

### ବେଲଡିହିରେ ସାପ୍ତାହିକ ବଜାର ଆରମ୍ଭ

**ବେଦବ୍ୟାସ, ୧୪।୩ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ଲାଠିକଟା ବ୍ଲକ ଅଧୀନ ଲୁଙ୍ଗେଇ ଗ୍ରାମପଞ୍ଚାୟତର ବେଲଡିହିଠାରେ ରବିବାର ସାପ୍ତାହିକ ବଜାରର ଶୁଭାରମ୍ଭ କରାଯାଇଛି। ଏହି ବଜାର ସପ୍ତାହର ରବିବାର ଦିନ ବସିବ। ଲୁଙ୍ଗେଇ ସରପଞ୍ଚ ଆପି ଟପ୍ପୋ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ବଜାରକୁ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଲୁଙ୍ଗେଇ ସମିତି ସଭ୍ୟ ରବୀନ୍ଦ୍ର କୁମାର ରାଜ, ବେଲଡିହି ଯୁବକ ସଂଘ ସଭାପତି ବିନୋଦ କୁଜୁର ଯୋଗଦେଇ ଏହି ସାପ୍ତାହିକ ବଜାର ଦ୍ୱାରା କାଲକୁଦର, ଗୋପପାଲି, ଲୁଙ୍ଗେଇ, ଚିକଟମାଟି, ନୂଆଗାଁ, ଭାଲୁପତ୍ରା, ବେଦବ୍ୟାସ, କଲୁଙ୍ଗା କରତକଳ ଛକ, ମିଟୁପଡା ଆଦି ଗ୍ରାମର ଚାଷୀମାନଙ୍କ ସମେତ ଖାଉଟି ଉପକୃତ ହେବେ ବୋଲି କହିଥିଲେ । ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ, ଖାଉଟି ଓ ଯୁବକ ଉପସ୍ଥିତ ଥିଲେ। ଅଞ୍ଚଳର ପ୍ରାୟ ୩୦ ଜଣ ଚାଷୀ ପରିବା ବିକ୍ରି ଆରମ୍ଭ କରିଥିଲେ ।

### ଅଙ୍ଗନୱାଡି ଗୃହ ନିର୍ମାଣ, ମରାମତି ଦାବି

**କୁତ୍ରା, ୧୪।୩ (ଡି.ଏନ.ଏ):** କୁତ୍ରା ସମନ୍ୱିତ ଶିଶୁ ପ୍ରକଳ୍ପ ବିଭାଗ ଅଧୀନରେ ଥିବା ୧୬ଟି ପଞ୍ଚାୟତରେ ୨୦୫ଟି ଅଙ୍ଗନୱାଡି କେନ୍ଦ୍ର ରହିଛି । କିନ୍ତୁ ଅଧିକାଂଶ କେନ୍ଦ୍ରର ନିଜସ୍ୱ ଗୃହ ନ ଥିବା ବେଳେ ଆଉ କେତେ ଗୁଡିଏ ଗୃହ ପରିତ୍ୟକ୍ତ ଏବଂ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି। ୧୧୦ଟି ଅଙ୍ଗନୱାଡି କେନ୍ଦ୍ରର ଗୃହ ଥିବା କୁହାଯାଉଛି। ତେବେ ସେଥିମଧ୍ୟରୁ କେତେକ କେନ୍ଦ୍ର ବ୍ୟବହାରଯୋଗ୍ୟ ନୁହେଁ। ଅଙ୍ଗନୱାଡି ଗୃହ ନିର୍ମାଣ ଏବଂ ମରାମତି ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।

### ବ୍ରଜରାଜନଗର ଟ୍ରକ୍ ଆସୋସିଏଶନ୍ର ପ୍ରାର୍ଥିପତ୍ର ଦାଖଲ

**ବ୍ରଜରାଜନଗର, ୧୪।୩ (ଡି.ଏନ.ଏ.):** ବ୍ରଜରାଜନଗର ଟ୍ରକ ମାଲିକ ସଂଘ ଚଳିତବର୍ଷ ନିର୍ବାଚନ ଲାଗି ନାମାଙ୍କନ ପ୍ରାର୍ଥୀପତ୍ର ଦାଖଲ ହୋଇଛି । ଚଳିତବର୍ଷ ନିର୍ବାଚନ ପାଇଁ ସଂଘ କାର୍ଯ୍ୟାଳୟରେ ନିର୍ବାଚନ ଅଧିକାରୀ ବିଶ୍ୱନାଥ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୭ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସଭାପତି ପଦ ପାଇଁ ୩ଜଣ, ଉପସଭାପତି ପାଇଁ ୩ ଜଣ, ସାଧାରଣ ସମ୍ପାଦକ ୫ଜଣ, ସହସମ୍ପାଦକ ପାଇଁ ୨ଜଣ ଓ କୋଷାଧକ୍ଷ ପଦ ପାଇଁ ୪ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଆସନ୍ତା ୨୧ ତାରିଖରେ ପୌର ମ୍ୟୁନିସିପାଲଟି କଲ୍ୟାଣ ମଣ୍ଡପଠାରେ ନିର୍ବାଚନ ହେବ। ସୂଚନାଯୋଗ୍ୟ ଟ୍ରକ ମାଲିକ ସଂଘ ନିର୍ବାଚନ ବର୍ଷିକେ ଥରେ ହୁଏ। ଏହି ନିର୍ବାଚନ ବ୍ରଜରାଜନଗର ଟ୍ରକ ମାଲିକମାନଙ୍କ ସମସ୍ୟା ସମାଧାନ ଉପରେ କାର୍ଯ୍ୟ କରିଥାଏ। ମୁଖ୍ୟତଃ ସଭାପତି ପଦର ଗୁରୁତ୍ୱ ଅଧିକ ଥିବାରୁ ଏହି ପଦ ପ୍ରାର୍ଥୀପତ୍ର ଦାଖଲ କରିଥିବା ସତିଶ ସିଂ, ଦେବଦାଶ ଓ ଅନୀଲ ସାମଲଙ୍କ ମଧ୍ୟରେ କଣ ମୁକାବିଲା ହେବ ।

# ଆବର୍ଜନା ପରିଚାଳନାକୁ ଗୁରୁତ୍ୱ

**ରାଉରକେଲା ଅଫିସ୍/ବେଦବ୍ୟାସ, ୧୪।୩ (ଡି.ଏନ.ଏ)**



ରାଉରକେଲା ସହରର ଜଣଙ୍କ ଘରେ କୋଡ୍ ଲଗାଯାଉଛି।

- ରାଉରକେଲା ମହାନଗର ନିଗମ
- ଘରେ ଘରେ ଲାଗିବ କ୍ୟୁଆର୍ କୋଡ୍
- ଆବର୍ଜନା ସଂଗ୍ରହ ନେଇ ଜଣାପଡିବ
- ସବୁ ଗାଡିରେ ଜିପିଏସ୍ ଟ୍ରାକିଂ ବ୍ୟବସ୍ଥା

ସହରର ଆବର୍ଜନା ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ରାଉରକେଲା ମହାନଗର ନିଗମ ନିଆରା ପଦକ୍ଷେପ ନେଇଛି। ଘର ମାନଙ୍କରେ କ୍ୟୁଆର କୋଡ ଟ୍ୟାଗ୍ ଲଗାଯାଉଛି। ଫଳରେ କେଉଁ ଘରୁ ଆବର୍ଜନା ସଂଗ୍ରହ ହୋଇନି ତାହା ସହଜରେ ଜଣାପଡିବ ଏବଂ ତଦନୁଯାୟୀ ମହାନଗର ନିଗମ କର୍ତ୍ତୃପକ୍ଷ ତୁରନ୍ତ ଉଚିତ ପଦକ୍ଷେପ ନେବାରେ ସଫଳ ହୋଇପାରିବେ। କେବଳ ଘର ନୁହେଁ, ଗୋଷ୍ଠୀ ଓ ସର୍ବସାଧାରଣ ଶୌଚାଳୟ ମାନଙ୍କରେ ବି ଏହି ଟ୍ୟାଗ୍ ଲାଗିବ ବୋଲି ଜଣାପଡିଛି। ଏ ସମ୍ପର୍କରେ ରାଉରକେଲା ମହାନଗର ନିଗମ କମିଶନର ବିଦ୍ୟୁଜ୍ୟୋତି ପରିଡା କହିଛନ୍ତି, ବେଳେ ବେଳେ ଆବର୍ଜନା ସଂଗ୍ରହକାରୀ ଗାଡି ଠିକ୍ ସମୟରେ ଆସୁନାହିଁ ବୋଲି କିଛି ଗୃହକର୍ତ୍ତା ତଥା ବ୍ୟବସାୟୀ ଅଭିଯୋଗ କରନ୍ତି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଘର ମାନଙ୍କରେ କ୍ୟୁଆର୍ କୋଡ୍ ଟ୍ୟାଗ୍ ଲଗାଇବା ବ୍ୟବସ୍ଥା କରାଯାଇଛି। ପ୍ରତିଦିନ ଆବର୍ଜନା ସଂଗ୍ରହ ପାଇଁ ଯାଉଥିବା ଗାଡିରେ ନିୟୋଜିତ ସଫେଇ କର୍ମଚାରୀ ଘରୁ ଆବର୍ଜନା ସଂଗ୍ରହ କରିବା ସମୟରେ ଉକ୍ତ କୋଡ୍କୁ ସ୍କାନ କରିବେ । ଫଳରେ ଘରୁ ଆବର୍ଜନା ସଂଗ୍ରହ ହୋଇଛି କି ନାହିଁ ତାହା ଜଣାପଡିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ସହରର ଦଶ ହଜାର ଘର ବା କୋଠାରେ ଏହି କୋଡ୍ ଲଗାଯାଉଛି। ବ୍ୟକ୍ତିଗତ ମାଲିକାନାରେ ଥିବା ଘର ମାନଙ୍କରେ ଗୋଟିଏ କ୍ୟୁଆର୍ କୋଡ୍ ଲଗାଯାଉଥିବା ବେଳେ ଆପାର୍ଟମେଣ୍ଟରେ ଥିବା ସମସ୍ତ ଘରକୁ ଗୋଟିଏ ୟୁନିଟ ଭାବେ ପରିଗଣିତ କରାଯାଉଛି ଏବଂ ସେଠାରେ ଗୋଟିଏ କ୍ୟୁଆର କୋଡ୍ ଲାଗିବ। ବର୍ତ୍ତମାନ ସହରର ଛେଣ୍ଡ, ବାସନ୍ତୀ କଲୋନୀ ଓ ସିଭିଲ ଟାଉନସିପ୍ ଅଞ୍ଚଳରେ ଥିବା ଘର ମାନଙ୍କରେ କ୍ୟୁଆର୍ କୋଡ ଲଗାଯିବା କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟର ସଫଳତାକୁ ଦେଖି ସହରର ସମସ୍ତ ଘରେ ଏହି ବ୍ୟବସ୍ଥା କରାଯିବ ବୋଲି ମହାନଗର ନିଗମ କମିଶନର ପରିଡା କହିଛନ୍ତି। କେବଳ ସେତିକି ନୁହେଁ ସହରରେ ସ୍ଥାପନ କରାଯାଇଥିବା ସମସ୍ତ ଗୋଷ୍ଠୀ ଓ ସର୍ବସାଧାରଣ ଶୌଚାଳୟରେ ମଧ ଏଭଳି କୋଡ୍ ଲଗାଯାଉଛି। ଏହି ସ୍ୱତନ୍ତ୍ର କ୍ୟୁଆର କୋଡ ମାଧ୍ୟମରେ ଶୌଚାଳୟ ବ୍ୟବହାରକାରୀ କୋଡ ମାଧ୍ୟମରେ ଶୌଚାଳୟ ବ୍ୟବହାରକାରୀମାନେ ସାମଗ୍ରିକ ପରିଚ୍ଛନ୍ନତା ଏବଂ ଶୌଚାଳୟ ପରିଚାଳନା ବାବଦରେ ନିଜ ମତାମତ ମଧ ଦେଇପାରିବେ। ସେହିପରି ସଫେଇ କାର୍ଯ୍ୟରେ ନିୟୋଜିତ ସମସ୍ତ ଗାଡିରେ ଏବେ ଜିପିଏସ୍ ଟ୍ରାକିଂ ଯନ୍ତ୍ର ଲଗାଯାଇଛି। ଫଳରେ କେଉଁ ଗାଡି କୁଆଡେ ଯାଉଛି, ପ୍ରତିଟି ଗାଡି ଠିକ୍ ସମୟରେ ଆବର୍ଜନା ସଂଗ୍ରହ କରୁଛି କି ନାହିଁ ଜଣାପଡିବ ବୋଲି କମିଶନର ପରିଡା କହିଛନ୍ତି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ



ବୈଠକରେ ଉପସ୍ଥିତ ଥିବା କୃଷକସାଥୀମାନେ।

**ଝାରସୁଗୁଡା ଅଫିସ୍, ୧୪।୩**

**ଝାରସୁଗୁଡା ଜିଲା କୃଷକ ସାଥୀ ସଂଘ**

ଝାରସୁଗୁଡା ଜିଲା ଇବ୍ନଦୀ ବରଘାଟ ମନ୍ଦିର ପ୍ରାଙ୍ଗଣରେ ରବିବାର ଜିଲା କୃଷକ ସାଥୀ ସଂଘ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାର ୫ ବ୍ଲକ୍ର ଶତାଧିକ ମହିଳା ଓ ପୁରୁଷ କୃଷକସାଥୀମାନେ ଯୋଗଦେଇଥିଲେ। ରାଜ୍ୟରେ ଆବଶ୍ୟକ କୃଷି କମଚାରୀ ନାହାନ୍ତି। କୃଷି କର୍ମଚାରୀଙ୍କ ଅଭାବ ସତ୍ତ୍ୱେ କୃଷକସାଥୀମାନେ କୃଷକ ସଶକ୍ତିକରଣ, ମୃତ୍ତିକା ପରୀକ୍ଷା, ଜମି ପ୍ରସ୍ତୁତି, ବିହନ ଚୟନ, ବିହନ ବିଶୋଧନ ପ୍ରକ୍ରିୟା ଆଦି ପ୍ରଶିକ୍ଷଣ ନେଇ ନିଜର କାମ ସହିତ ବିଭାଗର କେତେକ ଗୁରୁତ୍ୱପୂର୍ଣ୍ଣ ଅତିରିକ୍ତ କାମ ତୁଲାଉଛନ୍ତି। ଏଥିମଧ୍ୟରେ ଏବାବଦକୁ ସେମାନଙ୍କୁ ଉଚିତ ପାରଶ୍ରମି ଦିଆ ନ ଯାଇ ମାସିକ ୧ ହଜାର ଟଙ୍କା ଦେଇ ଗୋଟି ଶ୍ରମିକ ଭଳି ଖଟାଯାଉଛି। ସରକାର ଏ ଦିଗରେ ବିଚାର କରି ମାସିକ ଦରମା ବୃଦ୍ଧି, ସରକାରୀ କର୍ମଚାରୀ ଭାବେ ଘୋଷଣା ଆଦି ହକ୍ ଦାବି ପୂରଣ କରିବା ପାଇଁ ସଂଘ ଦାବି କରିଛି । ଏଦିଗରେ ଯଦି ସରକାର ନ ଶୁଣନ୍ତି ତାହାଲେ ଆଗାମୀ ଦିନରେ ସଂଘ ଆନ୍ଦୋଳନକୁ ଓହ୍ଲାବ ବୋଲି ଚେତାବନୀ ଦେଇଛି ।

# ଡାଲମିଆ ସିମେଣ୍ଟ, ଟିଆର୍‌ବି ଖଣିକୁ କଳିଙ୍ଗ ସେଫ୍ଟି ଏକ୍ସିଲେନ୍ସ ଆୱାର୍ଡ




କଳିଙ୍ଗ ସେଫ୍ଟି ଏକ୍ସିଲେନ୍ସ ଆୱାର୍ଡ ଦିଆଯାଉଛି।

**ରାଜଗାଙ୍ଗପୁର/ଟେନସା, ୧୪।୩ (ଡି.ଏନ.ଏ)**

୨୦୨୦ ମସିହା ପାଇଁ ଓଡିଶାର ସିମେଣ୍ଟ କାରଖାନା ବର୍ଗରେ ଡାଲମିଆ ସିମେଣ୍ଟର ଉଭୟ କଟକ ଜିଲା ଟାଙ୍ଗୀ ଏବଂ ରାଜଗାଙ୍ଗପୁର କାରଖାନାକୁ କଳିଙ୍ଗ ସେଫ୍ଟି ଏକ୍ସିଲେନ୍ସ ଆୱାର୍ଡ (ରୌପ୍ୟ ବର୍ଗ)ରେ ସମ୍ମାନୀତ କରାଯାଇଛି। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ ଏନ୍‌ଭାଇରନମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍ ପକ୍ଷରୁ ନିକଟରେ ଭୁବନେଶ୍ୱର ସ୍ଥିତ ଏକ ହୋଟେଲରେ ଓଡିଶା ରାଜ୍ୟ ସୁରକ୍ଷା ସମ୍ମିଳନୀ-୨୦୨୦ର ୧୧ତମ ସଂସ୍କରଣ ଆୟୋଜିତ ହୋଇଥିଲା। ଏଥିରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟଅତିଥି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସଚିବ ବିଷ୍ଣୁପଦ ସେଠୀ ଏବଂ ଡାଇରେକ୍ଟର (ଫ୍ୟାକ୍ଟ୍ରି ଆଣ୍ଡ ବ୍ରଏଲର) ଡ. ଏନ. ଥିରୁମାଲା ନାୟକ ଅତିଥି ଭାବେ ଯୋଗ ଦେଇ ଡାଲମିଆଁ କମ୍ପାନୀକୁ ଏହି ପୁରସ୍କାରରେ ସମ୍ମାନୀତ କରିଥିଲେ। ଡାଲମିଆ ସିମେଣ୍ଟ ଟାଙ୍ଗୀ ସ୍ଥିତ କାରଖାନା କପିଳାସ ସିମେଣ୍ଟ ମାନୁଫାକ୍ଟରିଙ୍ଗ ୱାର୍କ୍ସ ତରଫରୁ କପିଳାସ କାରଖାନା ମୁଖ୍ୟ ରାମଅବତାର ଶର୍ମା, ଟେକ୍ନିକାଲ ବିଭାଗ ମୁଖ୍ୟ ସନ୍ତୋଷ କୁମାର ସିଂ ପୁରସ୍କାର ଗ୍ରହଣ କରିଥିଲେ। କାରଖାନା ସୁରକ୍ଷା ବିଭାଗ ମୁଖ୍ୟ ଚନ୍ଦନ ସ୍ୱାଇଁ, ରାଜଗାଙ୍ଗପୁର କାରଖାନାର ପ୍ରତିନିଧି ସୁରକ୍ଷା ବିଭାଗ ମୁଖ୍ୟ ବିଚିତ୍ର କୁମାର ବଳ ଏବଂ ୟୁଟିଲିଟି ବିଭାଗର କୁମାର ମିଶ୍ର ଉପସ୍ଥିତ ଥିଲେ ।

**ଟେନସା (ଡି.ଏନ.ଏ):** ଟେନସାଠାରେ ଥିବା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସପିଏଲ)ର ଟିଆର୍‌ବି ଲୌହ ଖଣି କଳିଙ୍ଗ ସୁରକ୍ଷା ପୁରସ୍କାର (ଗୋଲ୍ଡ କ୍ୟାଟେଗୋରୀ) ଲାଭ କରିଛି। ଭୁବନେଶ୍ୱର ଠାରେ ଅନୁଷ୍ଠିତ ଓଡିଶା ରାଜ୍ୟ ସୁରକ୍ଷା ସମ୍ମିଳନୀ-୨୦୨୦ରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଟେନସା ୟୁନିଟ୍ ମୁଖ୍ୟ ପ୍ରମୋଦ କୁମାର ପାତ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ। ଟିଆର୍‌ବି ଖଣି କ୍ରମାଗତ ଭାବେ ତୃତୀୟ ବର୍ଷ ଲାଗି ଏହି ପୁରସ୍କାର ଲାଭ କରି ଆସୁଛି । ୨୦୨୦ ଅକ୍ଟୋବର ମାସରେ ଉତ୍ତମ ଖଣି ପରିଚାଳନା ସହ ପରିବେଶ ସନ୍ତୁଳନ ପାଇଁ ଫେଡେରେଶନ ଅଫ୍ ଇଣ୍ଡିଆନ୍ ମିନେରାଲ ଇଣ୍ଡଷ୍ଟ୍ରିଜ୍ (ଫିମି) ପକ୍ଷରୁ ଏହା ସମ୍ମାନଜନକ ଉତ୍କୃଷ୍ଟତା ପୁରସ୍କାର ଲାଭ କରିଛି ।

# ଅବହେଳା କଲେ ଅର୍ଥନୈତିକ ଅବରୋଧ

**ତାଳଚେର-ବିମଳାଗଡ ରେଳପଥ ପ୍ରସଙ୍ଗ**

**ରାଉରକେଲା ଅଫିସ, ୧୪।୩**

ତାଳଚେର-ବିମଳାଗଡ ରେଳପଥ ପ୍ରକଳ୍ପ ପାଇଁ ଚଳିତ କେନ୍ଦ୍ର ବଜେଟରେ ମାତ୍ର ୧୦ କୋଟି ବ୍ୟୟ ବରାଦ କରାଯାଇଛି। ଏହାର ପ୍ରତିବାଦରେ ତାଳଚେର-ବିମଳାଗଡ ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଗତ ଫେବୃଆରୀ ୨୦ ତାରିଖରେ ଓଡିଶାର ୧୦ଟି ସ୍ଥାନରେ ପ୍ରତୀକ ରେଳରୋକୋ କରି ସମସ୍ତ ମାଲବାହୀ ଟ୍ରେନ୍‌ଗୁଡିକୁ ଅଟକ ରଖାଯାଇଥିଲା। ଏ ସଂକ୍ରାନ୍ତରେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଏବଂ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ ଲୋକସଭାରେ ପ୍ରଶ୍ନ ଉଠାଇବା ପରେ ରେଳମନ୍ତ୍ରୀ ପିୟୁଷ ଗୋଏଲ ଯେଉଁ ଉତ୍ତର ରଖିଲେ ସେଥିରୁ ତାଙ୍କ ନିକଟରେ ସମ୍ପୂର୍ଣ୍ଣ ତଥ୍ୟ ନାହିଁ ବୋଲି ସଂଗ୍ରାମ ସମିତି ପକ୍ଷରୁ କୁହାଯାଇଛି। ରେଳ ସଂଗ୍ରାମ ସମିତିର ସଭାପତି ଅଦ୍ୱୈତ ବିଶ୍ୱାଳ, ଷ୍ଟିୟରିଂ କମିଟି ସଦସ୍ୟ ହରିହର ରାଉତରାୟ, ବିଷ୍ଣୁ ମହାନ୍ତି, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବିମଳ ବିଶି, ରମେଶ ବଳ, ପ୍ରମୋଦ ସାମଲ, ପ୍ରଭାତ ମହାପାତ୍ର ପ୍ରମୁଖ ଏକ ବିବୃତିରେ କେନ୍ଦ୍ର ସରକାରଙ୍କୁ ସତର୍କ କରାଇ କହିଛନ୍ତି ଯେ, ଏହି ରେଳପଥ ନିର୍ମାଣରେ ବୈମାତୃକ ମନୋଭାବ ପୋଷଣ କଲେ ସଂଗ୍ରାମ ସମିତି ବାଧ୍ୟ ହୋଇ ଅର୍ଥନୈତିକ ଅବରୋଧ କରିବ ଏବଂ ସେଥିପାଇଁ ରେଳମନ୍ତ୍ରୀ ଦାୟୀ ରହିବେ।

# ଝାରସୁଗୁଡାରେ ଭେଣ୍ଟିଲେଟରଯୁକ୍ତ ଆମ୍ବୁଲାନ୍ସ ଲୋକାର୍ପିତ



ଅତିଥିମାନେ ଭେଣ୍ଟିଲେଟରଯୁକ୍ତ ଆମ୍ବୁଲାନ୍ସକୁ ଲୋକାର୍ପିତ କରୁଛନ୍ତି ।

**ଝାରସୁଗୁଡା ଅଫିସ୍, ୧୪।୩**

ଝାରସୁଗୁଡାରେ ରବିବାର ନରସିଂହ ବିଷ୍ଣୁ ପ୍ରୀୟା ସେବା ଟ୍ରଷ୍ଟ ପକ୍ଷରୁ ଲୋକଙ୍କ ସେବା ପାଇଁ ଜିଲାରେ ପ୍ରଥମ କରି ଏକ ଭେଣ୍ଟିଲେଟରଯୁକ୍ତ ଆମ୍ବୁଲାନକୁ ଲୋକାର୍ପିତ କରାଯାଇଛି। ଏହି ଅବସରରେ ସ୍ଥାନୀୟ ରାଉତରାୟ ବଗିଚାରେ ଏକ ଲୋକାର୍ପିତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ଓ ବିଧାୟକ କିଶୋର ମହାନ୍ତି, ଟ୍ରଷ୍ଟର କର୍ମକର୍ତ୍ତା ଦୀପାଳୀ ଦାସ, ପ୍ରଫେସର ଟହଲୁ ସାହୁ, ପୂର୍ବତନ ବାର୍ ଆସୋସିଏଶନ ସଭାପତି ତାପସରାୟ ଚୌଧୁରୀ, ବାର୍ ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲ, ଝାରସୁଗୁଡା ଜନ ସଚେତନତା ନାଗରିକ ମଞ୍ଚ ସଭାପତି ରଘୁମଣି ପଟେଲ, ସାଧାରଣ ସମ୍ପାଦକ ପିଣ୍ଟୁ ପାଢୀ, ଶଶି ଭୂଷଣ ତିଓାରୀ, ଆଲୋକ ତ୍ରିପାଠୀ ଓ କୋଷାଧ୍ୟକ୍ଷ ତୁଳାରାମ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସନ୍ଦିପ ଅଗସ୍ତୀ ସଭା ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଏମ୍‌ପି ପୂଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଦାସ, ବିଧାୟକ ମହାନ୍ତି ପ୍ରମୁଖ ଅତିଥିମାନେ ସବୁଜ ପତାକା ଦେଖାଇବା ପରେ ଆମ୍ବୁଲାନ୍ସକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଏମ୍‌ପି ପୂଜାରୀ କହିଥିଲେ ସେବା ଟ୍ରଷ୍ଟ ପକ୍ଷରୁ ଗୋଟିଏ ଭେଣ୍ଟିଲେଟର ଯୁକ୍ତ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ଏହାପରେ ଜିଲା ପାଇଁ ଆଉ ଏକ ଭେଣ୍ଟିଲେଟର ଯୁକ୍ତ ଆମ୍ବୁଲାନ୍ସ ଆବଶ୍ୟକତା ରହିଛି। ଏହି ଆମ୍ବୁଲାନ୍ସ ଏମ୍‌ପି ପାଣ୍ଠିରୁ ହେବା ପାଇଁ ଆଗକୁ ଯୋଜନା ରହିଛି। ଏ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କହିଥିଲେ ଜିଲା ପାଇଁ ୩ରୁ ୪ ଭେଣ୍ଟିଲେଟ୍‌ଯୁକ୍ତ ଆମ୍ବୁଲାନ୍ସ ଆବଶ୍ୟକତା ରହିଛି। ଆଗାମୀ ଦିନରେ ଏହା ପୁରଣ କରାଯିବ। ବିଧାୟକ ମହାନ୍ତି କହିଛନ୍ତି ଦୀର୍ଘଦିନର ସ୍ୱପ୍ନ ଏବେ ସାକାର ହୋଇଛି। ଏଥିପାଇଁ ସେବା ଟ୍ରଷ୍ଟକୁ ସେ ପ୍ରସଂଶା କରିଥିଲେ। ଏହି ଲୋକାର୍ପିତ ଉତ୍ସବରେ ଝାରସୁଗୁଡା ଜନ ସଚେତନତା ନାଗରିକ ମଞ୍ଚ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ସମାଜ ସଂସ୍କାରକୁ ଗୁରୁତ୍ୱ

**ଗାଙ୍ଗପୁର ମହାକୁଳ ସମାଜର ବାର୍ଷିକୋତ୍ସବ ପାଳିତ**

**ବଡଗାଁ, ୧୪।୩ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅଧୀନ ପାମରା ଗ୍ରାମରେ ରବିବାର ଗାଙ୍ଗପୁର ମହାକୁଳ ସମାଜ ସାଂସ୍କୃତିକ ସଂଘ, ସାନପ୍ରଗଣା ପକ୍ଷରୁ ସଭା ଓ ବାର୍ଷିକୋତ୍ସବ ପାଳିତ ହୋଇଛି। ଏଥିରେ କୁରେଇ, ଅଲାପକା, ହେମଗିରି, ବଡଦ୍ୱାର ଏବଂ ସାନଦ୍ୱାର ପ୍ରଗଣାର ସଦସ୍ୟ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ସମାଜ ସଭାପତି ନନ୍ଦ କୁମାର ଖୁଣ୍ଟିଆ ମୁଖ୍ୟଅତିଥି, କର୍ମକର୍ତ୍ତା ଗଣେଷ ବାରିକ ମୁଖ୍ୟବକ୍ତା ଏବଂ କର୍ମକର୍ତ୍ତା ଅଖିଳ ରାଉତ, ଅନାଦି ବେହେରା, ଶଶିଭୂଷଣ ଆପଟ, ବେଣୁଧର ଖିଲାରୀ, ଗୋବର୍ଦ୍ଧନ ଖୁଣ୍ଟିଆ, ବ୍ରହ୍ମାନନ୍ଦ ଖିଲାରି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ମା'ମାନେ ଶିକ୍ଷାର ଗୁରୁତ୍ୱକୁ ବୁଝିଲେ ସମାଜର ଅନେକ ସମସ୍ୟା ଦୂର ହୋଇପାରିବ ବୋଲି ବିଭିଷଣ ବାରିକ କହିଥିଲେ। ଯୌତୁକ ପ୍ରଥାର ମୂଳୋତ୍ପାଟନ, ନିଶା ବର୍ଜନ, ବୃକ୍ଷ ରୋପଣ, ରକ୍ତଦାନ, ଆର୍ଥିକ ଦୁର୍ବଳଙ୍କୁ ସାହାଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା। ଉତ୍ସବରେ ଚଳିତ ବର୍ଷ ବିବାହ କରିଥିବା ନବଦମ୍ପତିଙ୍କୁ ସମାଜ ପକ୍ଷରୁ ବିବାହ ପଞ୍ଜୀକରଣ ପ୍ରମାଣପତ୍ର ଦିଆଯାଇଥିଲା ।

# ଜେଏମ୍‌ଏମ୍‌ର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

**ରାଜଗାଙ୍ଗପୁର, ୧୪।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର ବାଣ୍ଟୁପଡାରେ ଜେଏମ୍‌ଏମ୍‌ର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜେଏମ୍‌ଏମ୍‌ର ରାଜ୍ୟ ସଭାପତି ମହେଶ ହେମ୍ବ୍ରମ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁନ୍ଦରଗଡ ଜିଲାରେ ଦଳକୁ ତୃଣମୂଳସ୍ତରରୁ ମଜବୁତ କରିବା ପାଇଁ କହିଥିଲେ। ଆଗାମୀ ଦିନ ନିର୍ବାଚନରେ ଦଳ ମଜବୁତ ହୋଇ ନିର୍ବାଚନ ଲଢ଼ି ପୁଣି ବିଜୟୀ ହେବ ବୋଲି ସେ କହିଥିଲେ। ଏହି ଅବସରରେ ଜିଲା ଜେଏମ୍‌ଏମ୍ କମିଟି ଘୋଷଣା ହୋଇଥିଲା। ଧନେଶ୍ୱର ଖାଲକୋ ସୁନ୍ଦରଗଡ ଜିଲା ସଭାପତି, ଖ୍ରୀଷ୍ଟୋଫର ଖେସ୍‌ଙ୍କୁ ସମ୍ପାଦକ ଘୋଷଣା କରାଯାଇଥିଲା। ରାଜ୍ୟ ଉପସଭାପତି ସେଭିଆନ୍ ଆଇନ୍ଦ, ଫଗୁ ହାସଦା, ଗୋବିନ୍ଦ ସୋରେଙ୍ଗ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ।




କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ନେତୃବୃନ୍ଦ ।

# ଆଦିବାସୀ ପରମ୍ପରା, ଐତିହ୍ୟ ସୁରକ୍ଷା ଜରୁରୀ

**ରାଉରକେଲା ଅଫିସ, ୧୪।୩**



ଓରାମ ସାଂସ୍କୃତିକ ସମାଜ ବୈଠକରେ ମଞ୍ଚାସୀନ ଅତିଥି ।

**ଓରାମ ସାଂସ୍କୃତିକ ସମାଜ ବୈଠକ**

ପରିବର୍ତ୍ତିତ ପରିସ୍ଥିତିରେ ଓରାମ ସମାଜର ସାଂସ୍କୃତିକ ବୈଭବ କ୍ରମଶଃ ଅବକ୍ଷୟ ହେବାରେ ଲାଗିଛି। ଆଧୁନିକତା ପ୍ରଭାବରେ ଅବଲୁପ୍ତ ହେବାକୁ ଯାଉଥିବା ସଂସ୍କୃତିର ପୁନରୁଦ୍ଧାର ନେଇ ସମସ୍ତେ ଶପଥ ନେବାକୁ ଆହ୍ୱାନ ଦିଆଯାଇଛି। ରାଉରକେଲା ସେକ୍ଟର- ୩ଠାରେ ଆୟୋଜିତ ଓରାମ ସାଂସ୍କୃତିକ ସମାଜ ବୈଠକରେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଯୋଗଦେଇ କହିଥିଲେ, ଆଦିବାସୀ ସମାଜର ମହାନ କଳା, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବାକୁ ହେଲେ ସମସ୍ତଙ୍କ ସହଯୋଗ ଆବଶ୍ୟକ। ପାଶ୍ଚାତ୍ୟ ସଂସ୍କୃତି ଠାରୁ ସମଦୂରତା ରକ୍ଷା କରି ନିଜର କଳା, ସାହିତ୍ୟ, ଲୋକ ସଙ୍ଗୀତ, ପ୍ରଥା ଓ ପରମ୍ପରାକୁ ଗୁରୁତ୍ୱ ଦେବା ପାଇଁ ଜୁଏଲ ପରାମର୍ଶ ଦେଇଥିଲେ। ପରମ୍ପରାକୁ ପାଶୋରି ଦେଲେ ଇତିହାସ ଆମକୁ କେବେ କ୍ଷମା ଦେବ ନାହିଁ। ସମସ୍ତେ ଐକ୍ୟବଦ୍ଧ ହୋଇ ନିଜ ଇତିହାସକୁ ଅକ୍ଷୁର୍ଣ୍ଣ ରଖିବାକୁ ଜୁଏଲ ଆହ୍ୱାନ ଦେଇଥିଲେ। ଆଦିବାସୀଙ୍କ ସରଳ, ଅନାବିଳ ଓ ସାବଲୀଳ ଜୀବନ ପ୍ରଣାଳୀକୁ ସମସ୍ତେ ଆନନ୍ଦର ସହ ଆପଣାର କରି ରଖିବାକୁ ଏଥିରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ବାସନ୍ତୀ ଖାଲକୋ, ଶରତ ମିଞ୍ଜ, ସୁର୍ଜନ କେର୍କେଟା, ସୋମା ଓରାମ, ରାମିଆ ଓରାମ, ରାଇସନ ତିର୍କୀ, ପ୍ରମିଳା ଏକ୍କା, କରମତି ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୧୫ ମାର୍ଚ୍ଚ, ୨୦୨୧

## ରେଳଲାଇନ୍‌ରୁ ଯୁବକଙ୍କ ମୃତଦେହ ଜବତ

ରେଢ଼ାଖୋଲ,(ଡି.ଏନ.ଏ): ରେଢ଼ାଖୋଲ ଷ୍ଟେସନଠାରୁ ୪ କିମି ଦୂର ରେଲଲାଇନ କଡରୁ ରେଳବାଇ ପୋଲିସ ରବିବାର ପୂର୍ବାହ୍ନ ୧୦ଟା ବେଳେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ଯୁବକ ଜଣକ ହେଲେ ରେଢ଼ାଖୋଲ ଥାନା ତ୍ରିବଣପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ଅଭିରାମ ବର୍ଗି (୨୨) । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ଡାକ୍ତରଖାନା ପଠାଇଛି। ଏକ ମାଲବାହୀ ଟ୍ରେନ ଅଭିମନ୍ୟୁଙ୍କୁ ଧକ୍କା ଦେଇଥିବା ପୋଲିସ କହିଛି। ତାଙ୍କର ମାନସିକ ସ୍ଥିତି ଭଲ ନ ଥିବା ଜଣାପଡିଛି।



## ଆଜି କ'ଣ କେଉଁଠି

ସମ୍ବଲପୁର

- ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ହାୱା ମଇଦାନ, ପୂର୍ବାହ୍ନ ୯ଟା ।
- ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଯଜ୍ଞାଧିବାସ ଓ ଜଳଯାତ୍ରା, ବୁର୍ଲା ଜଗନ୍ନାଥ ମନ୍ଦିର ପରିସର, ପୂର୍ବାହ୍ନ ସାଢ଼େ ୯ଟା ।
- ହୀରଖଣ୍ଡ ନାଟ୍ୟ ମହୋତ୍ସବ, ଝାଡୁଆପଡା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ସାଢ଼େ ୬ଟା ।
- ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଆଲୁମିନି ୱେବ ସାଇଟ ଉଦଘାଟନ କାଯର୍ୟକ୍ରମ, ଅମୃତ ବିହାର ପରିସର, ସନ୍ଧ୍ୟା ୬ଟା ।

## ସଂକ୍ଷେପରେ

### ରାସ୍ତା ଦୁର୍ଘଟଣାରେ ଯୁବକ ମୃତ

**ବ୍ରଜରାଜନଗର, ୧୪।୩ (ଡି.ଏନ.ଏ.):** ଓରିଏଣ୍ଟ ଥାନା ଅନ୍ତର୍ଗତ ବାଲାଜୀ ପେଟ୍ରୋଲ ପମ୍ପ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ତୁରନ୍ତ ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକ ଜଣକ ହେଲେ କୁମାଡେରା ନୂଆପଡାର ସୁମିତ କୁମାର ପଣ୍ଡା ।

### ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ

**ନାକଟିଦେଉଳ,୧୪।୩(ଡ଼ି.ଏନ.ଏ.):** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ଟୁରିବାହାଲ ଗ୍ରାମରେ ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ଚାଳକ ଗୁରୁତର ଆହତ ହେଇଛନ୍ତି। ଆହତ ଚାଳକ ହେଲେ ନାକଟିଦେଉଳ ଥାନା ଡୁମାମହୁଲ ଗ୍ରାମର ଅଜିତ କିସାନ (୨୨)। ପ୍ରକାଶ ଯେ, ରବିବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଅଜିତ ଏକ ଟ୍ରାକ୍ଟରରେ ପଥର ବୋଝେଇ କରି ଟୁରିବାହାଲର ଏକ ପାହାଡ଼ରୁ ଖସି ଏକ ଘାଟି ରାସ୍ତା ପାର ହେଉଥିବା ବେଳେ ରାସ୍ତା ମଝିରେ ଟ୍ରାକ୍ଟର ଇଞ୍ଜିନଟି ଓଲଟି ପଡ଼ିଥିଲା । ଫଳରେ ଚାଳକ ଅଜିତ ଷ୍ଟିୟରିଂ ମଝିରେ ଚାପି ହୋଇ ଯାଇଥିଲେ। ଖବର ପାଇ ଗାଡ଼ି ମାଲିକ ସେଠାରେ ପହଞ୍ଚି ଥିବା ବେଳେ ଷ୍ଟିୟରିଂକୁ କାଟି ବହୁ କଷ୍ଟରେ ତାଙ୍କୁ ଉଦ୍ଧାର କରିଥିଲେ । ଏହି ଦୁର୍ଘଟଣାରେ ତାଙ୍କର ବାମ ପାଖ କାନ କଟିଯାଇଛି । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ନାକଟିଦେଉଳ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ ବୁର୍ଲା ମେଡ଼ିକାଲକୁ ପଠାଇ ଦିଆଯାଇଛି । ଏ ନେଇ କିସିଣ୍ଡା ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି ।

### ଜଙ୍ଗଲ ଜମିରେ ରାସ୍ତା ନିର୍ମାଣ ଅଭିଯୋଗ

**ସମ୍ବଲପୁର, ୧୪।୩ (ବ୍ୟୁରୋ):** ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ମୁଣ୍ଡେର ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ କର୍ମଚାରୀମାନେ ଏକ ଜେସିବି ରବିବାର ସନ୍ଧ୍ୟାରେ ଜବତ କରିଛନ୍ତି । ଏହି ଜେସିବି ଦ୍ୱାରା ଜଙ୍ଗଲରେ ରାସ୍ତା ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି ।ଜଙ୍ଗଲ ଦେଇ ଏକ ରାସ୍ତା ଜଣେ ବ୍ୟକ୍ତିଙ୍କ ଘର ନିକଟକୁ କରାଯାଉଥିବା ବେଳେ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଜେସିବି ଜବତ କରିଥିଲେ। ଏହାକୁ ଝାଙ୍କରପାଲି ଫରେଷ୍ଟ ବିଟ୍ ହାଉସ୍‌ରେ ରଖାଯାଇଛି । ସୋମବାର ରାଜସ୍ୱ ଓ ବନବିଭାଗ ମିଳିତ ଭାବେ ସର୍ଭେ କରି ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ଜଣାପଡିଛି।

### ପ୍ରବାସୀ ଶ୍ରମିକଙ୍କୁ କୁକୁଡା ଚିଆଁ ବଣ୍ଟନ

**ପଡିଆବାହାଲ, ୧୪।୩ (ଡି.ଏନ.ଏ):** ମହାମାରୀ କରୋନା ପ୍ରଭାବରୁ କାମଧନ୍ଦା ହରାଇ ଘରମୁହାଁ ହୋଇଥିବା ଶ୍ରମିକମାନେ ପେଟପାଟଣା ପାଇଁ ପୁନର୍ବାର ଗାଁ ଛାଡିବା ଲାଗି ସଜବାଜ ହେବାରେ ଲାଗିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀ ସଂସ୍ଥା ପତଙ୍ଗ ଶ୍ରମିକଙ୍କ ଜୀବନ ଜୀବିକା ପାଇଁ ସହଯୋଗର ହାତ ବଢ଼ାଇ ୪୦ରୁ ୫୦ ଜଣ ପ୍ରବାସୀ ଶ୍ରମିକଙ୍କୁ ୧ ହଜାର କୁକୁଡା ଚିଆଁ ଓ କୁକୁଡା ଖାଦ୍ୟ ବଣ୍ଟନ କରିଛନ୍ତି । କୟାକୁଦ ଗ୍ରାମ ପଞ୍ଚାୟତର ଏମବିକେ ସୁପ୍ରଭା ଛନ୍ଦ ଓ ମେଘପାଳ କାର୍ଯ୍ୟନିର୍ବାହୀ ଅଧିକାରୀ କରୁଣାକର ବାରିକଙ୍କ ଉପସ୍ଥିତିରେ ପତଙ୍ଗର ସ୍ୱେଚ୍ଛାସେବୀମାନେ ଚିଆଁ ବଣ୍ଟନ କରି ଆଗାମୀ ଦିନରେ ଏ ଅଞ୍ଚଳରେ ଅଧିକରୁ ଅଧିକ ଲୋକ ଏଥିପ୍ରତି ଆଗ୍ରହୀ ହେବାକୁ ପ୍ରୋତ୍ସାହିତ କରିଥିଲେ । ଜୀବିକା ପାଇଁ ଏହି ପ୍ରୟାସ ନିଶ୍ଚୟ ସହାୟକ ହେବ ବୋଲି ସ୍ୱେଚ୍ଛାସେବୀମାନେ ଆଶା ପୋଷଣ କରିଛନ୍ତି ।

# ସାର ସ୍ଥିତି ସ୍ୱାଭାବିକ, ଚାଷୀଙ୍କୁ ନିଅଣ୍ଟ

**ସମ୍ବଲପୁର,୧୪।୩(ବ୍ୟୁରୋ)**

- ସାର ସହିତ ଭିଟାମିନ୍ ନେବାକୁ ବାଧ
- ଆସିଲାଣି ୮ ହଜାରରୁ ଊର୍ଦ୍ଧ୍ୱ ମେଟ୍ରିକ ଟନ୍ ସାର

ବିଗତ ବର୍ଷ ଅପେକ୍ଷା ଚଳିତବର୍ଷ ରବିଚାଷ ପାଇଁ ସମ୍ବଲପୁର କୃଷି ଜିଲାରେ ବିଭିନ୍ନ ରାସାୟନିକ ସାର ମହଜୁଦ ଥିବା ବେଳେ ଚାଷୀମାନେ ଚାହିଦା ମୁତାବକ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ୟୁରିଆ ଓ ପଟାସ ସାର ଯଥେଷ୍ଟ ପରିମାଣରେ ମହଜୁଦ ରହିଛି ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଉଛି। ହେଲେ ଚାଷୀମାନଙ୍କୁ ନିଅଣ୍ଟ ହେଉଛି । ସମବାୟ ସମିତି ଓ ପ୍ରାଇଭେଟ ଡିଲରମାନେ ସାର ବିକ୍ରି କରୁଛନ୍ତି। ସମବାୟ ସମିତିରେ ଏକର ପିଛା ୨ ବସ୍ତା ଦିଆଯାଉଥିବା ବେଳେ ଡିଲରମାନେ ମନଇଚ୍ଛା ବିକ୍ରି କରୁଛନ୍ତି। ସାର ନେବାକୁ ହେଲେ ବିଭିନ୍ନ କମ୍ପାନୀର ଜିଙ୍କ ଓ ଅନ୍ୟ ଭିଟାମିନ୍‌ଗୁଡିକ ନେବାକୁ କୁହାଯାଉଛି। ବିଶେଷ କରି ଅଣ ଋଣୀ ଓ ଛୋଟ ଚାଷୀଙ୍କ ସମସ୍ୟା ବୃଦ୍ଧି ପାଇଛି। ଡିଲର ପାଖକୁ ଗଲେ ପରିଚୟ ପତ୍ର ସହ ଭିଟାମିନ୍ ନେବାକୁ ପଡୁଛି। ଫଳରେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିବା ମାନେଶ୍ୱର ଅଞ୍ଚଳର ଚାଷୀ ଏନ.ଲକ୍ଷ୍ମୀନାରାୟଣ କହିଛନ୍ତି। ଅନ୍ୟପଟେ ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ ରାୟ କହିଛନ୍ତି ଯେ, ଏବେ ସମସ୍ତ ସାରର ଅଭାବ ହେବ ନାହିଁ କି କଳାବଜାର ମଧ ହେବ ନାହିଁ। ସାର ବିକ୍ରିର ସମସ୍ତ ତଥ୍ୟ ଅନ୍‌ଲାଇନରେ ଦିଆଯାଉଛି। ଜିଲାରେ ଷ୍ଟକ୍ ସରିବା ପରେ ପୁଣି ଆସିବ। ଏପର୍ଯ୍ୟନ୍ତ ପ୍ରାୟ ୮ ହଜାର ମେଟ୍ରିକ ଟନ୍‌ରୁ ଅଧିକ ୟୁରିଆ ସାର ଆସିଥିବା କହିଛନ୍ତି। ଏକର ପିଛା ୭୫ କେଜି ୟୁରିଆ ସାରର ଆବଶ୍ୟକତା ରହିଥିଲେ ମଧ ଏକର ପିଛା ୯୦ କେଜି ( ୨ବସ୍ତା) ଦିଆଯାଇଛି। ସାର ସହିତ ଭିଟାମିନଗୁଡିକ ଦେଲେ ଫସଲ ଭଲ ହେବ। ରୋଗପୋକ ଦାଉରୁ ଫସଲ ରକ୍ଷା ପାଇବ। କୌଣସି ଚାଷୀଙ୍କୁ ସାର ସହିତ ଭିଟାମିନ ନେବାକୁ ବାଧ କରାଯାଇ ପାରିବ ନାହିଁ । ହେଲେ ସାର କମ୍ପାନୀଗୁଡିକ ଡିଲରମାନଙ୍କୁ ସାର ସହିତ ଭିଟାମିନ ଯୋଗାଇ ଦେଉଛନ୍ତି। ତେଣୁ ସେମାନେ ବିକ୍ରି କରୁଛନ୍ତି। ଏହା ଚାଷୀ ଓ ଚାଷ ପାଇଁ ଭଲ ବୋଲି ମୁଖ୍ୟ କୃଷି ଅଧିକାରୀ ରାୟ କହିଥିଲେ। ସୂଚନାଯୋଗ୍ୟ ଯେ, ହୀରାକୁଦ ଡ୍ୟାମ, ଉଠା ଜଳସେଚନ, କ୍ଷୁଦ୍ର ଜଳସେଚନ ଜରିଆରେ ଜିଲାର ବିଭିନ୍ନ ଅଞ୍ଚଳରେ ରବି ଫସଲ ହୋଇଥାଏ । କେବଳ ଧାନଚାଷ ୧୪ ହଜାର ୮୪୨ ହେକ୍ଟର ଜମିରେ ହେଉଛି । ଏଥିପାଇଁ ୟୁରିଆ, ଗ୍ରୋମୋର, ପଟାସ ଭଳି ମୋଟ ୨୭ ହଜାର ୧୨୨ ମେଟ୍ରିକ ଟନ ରାସାୟନିକ ସାର ଅବଶ୍ୟକ ରହିଛି। କେବଳ ୟୁରିୟା ସାର ୧୫ ହଜାର ମେଟ୍ରିକ ଟନରୁ ଅଧିକ ଆବଶ୍ୟକ ରହିଛି । ଏ ପର୍ଯ୍ୟନ୍ତ ୮ ହଜାରରୁ ଊର୍ଦ୍ଧ୍ୱ ମେଟ୍ରିକ ଟନ ସାର ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି। ପ୍ରାୟ ୫୦ ପ୍ରତିଶତରୁ ଅଧିକ ସାର ଚାଷୀଙ୍କ ପାଖରେ ପହଞ୍ଚି ଯାଇଛି।

## ଚରିତ୍ରକୁ କଳାକାରମାନେ ବୁଝିବାକୁ ପଡିବ



ଆୟୋଜିତ ସମ୍ବଲପୁରୀ ନାଟକ କର୍ମଶାଳାରେ ପ୍ରଶିକ୍ଷକ ଓ ପ୍ରଶିକ୍ଷାର୍ଥୀମାନେ ।

**ସମ୍ବଲପୁର, ୧୪।୩ (ବ୍ୟୁରୋ)**

**ସମ୍ବଲପୁରୀ ନାଟକ କର୍ମଶାଳା**

ସମ୍ବଲପୁରୀ ନାଟକ କର୍ମଶାଳା ରବିବାର ସମ୍ବଲପୁର ଭୀମଭୋଇ ସାହିତ୍ୟ ସଂସଦ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ କୁମାର ପଣ୍ଡା ପ୍ରଶିକ୍ଷକ ଭାବେ ଯୋଗଦେଇ ନାଟକର ବିଭିନ୍ନ ଦିଗ, ନାଟକୀୟ ଉପାଦାନ, କଳାକାରଙ୍କ ଲାଗି ଆବଶ୍ୟକତା ରସ, ଭାବ, ପରିକଳ୍ପନା, ଚରିତ୍ର ଚିତ୍ରଣ ଉପରେ ବୁଝାଇଥିଲେ। ସେ କହିଥିଲେ ଯେ, କଳାକାରମାନେ ନିଜ ଚରିତ୍ରକୁ ସମ୍ପୂର୍ଣ୍ଣ ଭାବେ ବୁଝିବାକୁ ପଡିଥାଏ। ଯଦ୍ୱାରା ମଞ୍ଚରେ କଳାକାରମାନେ ନିଖୁଣ ଅଭିନୟ କରିବାରେ ସଫଳ ହୋଇଥାନ୍ତି। ଅଦୃଶ୍ୟନାଟ୍ୟ ଆଶ୍ରମ ନିର୍ଦ୍ଦେଶକ ଅସିତ କୁମାର ଶତପଥି କର୍ମଶାଳା ସଂଯୋଜନା କରିଥିଲେ। ପ୍ଳାବନ ବହିଦାର ଓ ଦଧିବାମନ ପଣ୍ଡା ସହଯୋଗ କରିଥିଲେ। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ୨୫ ଜଣ ପ୍ରଶିକ୍ଷାର୍ଥୀ ସାମିଲ ଥିଲେ ।

# ବଜରଙ୍ଗ ଦଳର ବୈଠକ



ରବିବାର ସମ୍ବଲପୁର ଚିପିଲିମାଠାରେ ଆୟୋଜିତ ବଜରଙ୍ଗ ଦଳର ବୈଠକରେ ସଭ୍ୟ ଓ କର୍ମକର୍ତ୍ତାମାନେ ।

**ସମ୍ବଲପୁର, ୧୪।୩ (ବ୍ୟୁରୋ)**

ବଜରଙ୍ଗ ଦଳର ବର୍ଗ ବୈଠକ ରବିବାର ଚିପିଲିମା ଘଣ୍ଟେଶ୍ୱରୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ହନୁମାନ ଚାଳିଶା ପାଠ ଓ ହନୁମାନ ପୂଜନ କାର୍ଯ୍ୟକ୍ରମ ହୋଇଥିଲା। ବଜରଙ୍ଗ ଦଳର ନଗର ସଂଯୋଜକ ବିଶାଳ କୁମାର ଓ ଚିପିଲିମା ସଂଯୋଜକ ରୋହିତ ଛୁରିଆ ସଭା ପରିଚାଳନା କରିଥିଲେ। ବଜରଙ୍ଗ ଦଳ ପଶ୍ଚିମ ପ୍ରାନ୍ତ ସଂଯୋଜକ ସୁଧିର ରଞ୍ଜନ ବହିଦାର ଅତିଥିଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଆସନ୍ତା ଏପ୍ରିଲ ୧୩ରେ ହେବାକୁ ଥିବା ହିନ୍ଦୁ ନବବର୍ଷ ଓ ୧୪ରେ ହନୁମାନ ଜୟନ୍ତୀ ଏବଂ ୨୧ରେ ରାମନବମୀ ମହୋତ୍ସବକୁ କିପରି ଆକର୍ଷଣୀୟ ଭାବେ ପାଳନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା । ଏହି ଅବସରରେ ବିଭିନ୍ନ ୱାର୍ଡ ସଂଯୋଜକ ଚୟନ କରାଯାଇଥିଲା। ରୋହିତ ମୁଣ୍ଡା ନଗର ସଂଯୋଜକ, ଅଙ୍କିତ ସିଂ ରେମେଡ ସଂଯୋଜକ, ଅଭିଷେକ ସେନାପତି ରେମେଡ ସହସଂଯୋଜକ, ଆୟୁଷ କୁମାର ମହାରଣା କୁଲୁଥକାନୀ ସଂଯୋଜକ ଭାବେ ମନୋନୀତ ହୋଇଛନ୍ତି। ପ୍ରମୋଦ ଛାନ୍ଦ, ମୀନକେତନ ଛୁରିଆ, ଆଜାଦ ହାତୀ, ଶେଖର ସ୍ୱାମୀ, ବସୁ ମୁଣ୍ଡା, ଚିନ୍ମୟ ଦାଶ, ଆଦିତ୍ୟ ପୁରୋହିତ, ଜୟନ୍ତ ମହାପାତ୍ର, ଅମିତ ନାଗ, କିଶୋର ସାହୁ, ରଞ୍ଜିତ ପୁରୋହିତ, ସୁଶାନ୍ତ ଜଗଦଲା, ରିଙ୍କୁ ପଟେଲ, ରଥ ରୋହିଦାସ, ଆକାଶ ସାହୁ, ଗଜେନ୍ଦ୍ର ବେହେରା, ବବି ସ୍ୱାଇଁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

## କରାଟେ ବେଲ୍ଟ ପରୀକ୍ଷା ଶିବିର

**ସମ୍ବଲପୁର, ୧୪।୩ (ବ୍ୟୁରୋ)**

କରାଟେ ବେଲ୍ଟ ପରୀକ୍ଷା ଶିବିର ରବିବାର ସମ୍ବଲପୁର ଧନୁପାଲି ନିକଟସ୍ଥ କୋଶଳ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର କରାଟେ ସ୍କୁଲର ୫୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ମୁଖ୍ୟ ପ୍ରଶିକ୍ଷକ ସୂର୍ଯ୍ୟକାନ୍ତ ବେରିହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନ ମୁଖ୍ୟଅତିଥି, ଓଡିଶା ଆଦିବାସୀ ଦଳିତ ସେନା ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ମୁଣ୍ଡା, ଇନରହୁ୍ୱଲ ଜାତୀୟ ସଭାପତି କ୍ରିଷ୍ଣା ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ଖେଳାଳୀମାନଙ୍କୁ ବେଲ୍ଟ ପ୍ରଦାନ କରିଥିଲେ । ପିଙ୍କି ପ୍ରଧାନ ବକ୍ତା ଭାବେ ଯୋଗଦେଇଥିଲେ ।

## ବାଲ୍ୟବିବାହ ନିଷେଧ କର୍ମଶାଳା

**ରିଆମାଳ,୧୪।୩ (ଡି.ଏନ୍.ଏ.)**

ଦେବଗଡ ଜିଲା ରିଆମାଳ ବ୍ଲକ ସଦର ମହକୁମାସ୍ଥିତ କଲ୍ୟାଣ ମଣ୍ଡପରେ ରବିବାର ଜିଲା ଶିଶୁ ସୁରକ୍ଷା ବିଭାଗ ସହାୟତାରେ ସିଏସ୍‌ଡିଆର ସାମାଜିକ ଅନୁଷ୍ଠାନ ସହଯୋଗରେ ବ୍ଲକସ୍ତରୀୟ ବାଲ୍ୟବିବାହ ନିଷେଧ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ରିଆମାଳ ବ୍ଲକର ନାଉଳିପଡା, ଆଉସ, ବୁଡିଦୋ, ରିଆମାଳ, ମଳେହିପଡା ପଞ୍ଚାୟତରୁ ୭୦ମହିଳା ଓ କିଶୋରୀ ବାଳିକା ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଭାବେ ଘାସିରାମ ପଣ୍ଡା, ସମ୍ମାନିତ ଅତିଥି ଭାବେ ସିଡିପିଓ ନମିତା ରାଉତ, ମାନବ ଅଧିକାର କର୍ମୀ ସୁମିତ୍ରା ପରୋହିତ, ନିର୍ଦ୍ଦେଶିକା ଚାଇଲଡ ଲାଇନ ରୀତାରାଣି ରାଉତ, ଚେୟାରମ୍ୟାନ ସି.ଏସ୍.ଡି.ଆର ଜଗନ୍ନାଥ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏସବୁ କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ କିଶୋରୀ ବାଳିକାମାନଙ୍କର ଭୂମିକା ଉପରେ ଆଲୋଚନା କରାଯାଇ ଆଗାମୀ ଦିନରେ ରିଆମାଳ ବ୍ଲକକୁ କିପରି ସମ୍ପୂର୍ଣ୍ଣ ବାଲ୍ୟ ବିବାହମୁକ୍ତ କରିଯାଇ ପାରିବ ସେ ନେଇ ଶପଥ ଗ୍ରହଣ କରାଯାଇଥିଲା। ସରୋଜ କୁମାର ସାଗର ଧନ୍ୟବାଦ ଅର୍ପଣ କରିଥିଲେ।

## ନାବାଳିକା ବଳାତ୍କାର ଘଟଣା : ମହିଳା ଗିରଫ

**ସମ୍ବଲପୁର,୧୪।୩(ବ୍ୟୁରୋ)**

**ପୂର୍ବରୁ ନାଏବ ସରପଞ୍ଚ, ବୁଟିକ୍ ମାଲିକ ହୋଇଥିଲେ ଗିରଫ**

ସମ୍ବଲପୁର ଜିଲା ଧମା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ହୋଇଥିଲା। ଏହି ଘଟଣାରେ ପୋଲିସ ପୂର୍ବରୁ ସାହାସପୁର ପଞ୍ଚାୟତର ନାଏବ ସରପଞ୍ଚ ଆଲୋକ ବେହେରା ଓ ପରେ ଟାଉନ ଥାନା ଅନ୍ତର୍ଗତ ବୁଟିକ ମାଲିକ କିଶୋର ଶତପଥୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ରବିବାର ପୋଲିସ ଏହି ମାମଲାରେ ସାହାସପୁର ଗ୍ରାମର ଦୁଲ୍ଲଭି ମହାନନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ମହିଳା ଜଣକ ସମ୍ପୃକ୍ତ ନାବାଳିକାଙ୍କୁ ଘଟଣା ଦିନ ଘରୁ ଡାକି ନେଇ ସହଯୋଗ କରିଥିବା ଭଳି ସାଂଘାତିକ ଅଭିଯୋଗ ହୋଇଛି। ଘଟଣା ପର ଠାରୁ ସେ ଫେରାର ହୋଇ ଯାଇଥିଲେ। କୌଣସି ସୂତ୍ରରୁ ଖବର ପାଇ ଧନୁପାଲି ଥାନା ପୁଟିବନ୍ଧ ଗ୍ରାମରୁ ପୋଲିସ ତାଙ୍କୁ ଗିରଫ କରିଥିଲା ।

ସୂଚନାଯୋଗ୍ୟ, ଗତ ଫେବୃୟାରୀ ୧୪ ତାରିଖରେ ନାବାଳିକା ଜଣକ ମହିଳାଙ୍କ ସାଙ୍ଗରେ ଘରୁ ବାହାରକୁ ଯାଇଥିଲେ। ସେମାନେ ଟାଉନ ଥାନା ଅନ୍ତର୍ଗତ ଏନଗୁହାଳେନ ନିବାସୀ କିଶୋରଙ୍କ ଧୁତୁରାପଡାରେ ଥିବା ବୁଟିକକୁ ଆସିଥିଲେ। ତେବେ ବୁଟିକ ଦୋକାନ ମାଲିକ ଭଡା ନେଇଥିବା ଏକ କୋଠରୀରେ ସମ୍ପୃକ୍ତ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା । ନାବାଳିକା ମଧ ଏନେଇ ବୟାନ ଦେଇଥିଲେ। ବୟାନକୁ ଆଧାର କରି ବୁଟିକ୍ ମାଲିକ କିଶୋରଙ୍କୁ ଗିରଫ କରାଯାଇଥିଲା।

## ଓଡିଆ ସିନେମା 'ମୋ ଜୀବନ ତୁ'ର ଶୁଭ ମହୁରତ



ଓଡିଆ ସିନେମାର ଶୁଭ ମହୁରତ ଅନୁଷ୍ଠିତ ହେଉଛି।

**ସୁନ୍ଦରଗଡ,୧୪।୩(ଡି.ଏନ୍.ଏ):** ଓଡିଆ ସିନେମା 'ମୋ ଜୀବନ ତୁ'ର ଶୁଭ ମହୁରତ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଯୋଜକ ଇମତିଆଜ ଅଲ୍ଲୀଙ୍କ ଦ୍ୱାରା ପ୍ରଯୋଜିତ ଏହି ଓଡିଆ ଚଳଚ୍ଚିତ୍ରରେ ଓଡିଆ ସିନେ ତାରକା ସୁନ୍ଦରଗଡର ପ୍ରଦୀପ ଦତ୍ତଙ୍କୁ ନାୟକ ଥିବା ବେଳେ ଅନୀତା ଭୌମିକ ଓ ନମ୍ରତା ସିଂଦେଓ ନାୟିକା ରହିଛନ୍ତି। ସଞ୍ଜୟ ମହାକୁଳ ସଂଳାପ ରଚନା କରିଛନ୍ତି। ପ୍ରିୟରଞ୍ଜନ ପରିଜା କ୍ୟାମେରା ପରିଚାଳନା ନିର୍ଦ୍ଦେଶକ ଏବଂ କ୍ଷୀତିଶ କୁମାର ସାହୁ ସିନେମାର ସହ ପ୍ରଯୋଜକ ରହିଛନ୍ତି । ଲୁବୁନ-ତୁବୁନ ସ୍କ୍ରିନ ପ୍ଲେ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ବୈଦ୍ୟନାଥ ଦାଶଙ୍କ ସଙ୍ଗୀତରେ ଗାୟକ ହ୍ୟୁମାନ ସାଗର, ଇରା ମହାନ୍ତି, ଦୀପ୍ତିରେଖା, ଅଭିଜିତ ମଜୁମଦାର, ବିଷ୍ଣୁମୋହନ କବି ଓ ଅସୀମା ପଣ୍ଡା କଣ୍ଠଦାନ କରିଛନ୍ତି। ଏହି ଚଳଚ୍ଚିତ୍ରର ନାୟକ ଭୂମିକାରେ ଥିବା ସୁନ୍ଦରଗଡର ପ୍ରଦୀପ ଦତ୍ତଙ୍କ ଏହା ଚତୁର୍ଥ ଚଳଚ୍ଚିତ୍ର । ମୋ ଜୀବନ ତୁ ମଧ୍ୟ ପୂର୍ବଭଳି ଦର୍ଶକଙ୍କ ଆଦୃତି ଲାଭ କରିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି।

## ବୋଲେରୋରେ ଗଞ୍ଜେଇ ଚାଲାଣ, ଜଣେ ଗିରଫ

**ଦେବଗଡ, ୧୪।୩(ଡି.ଏନ.ଏ.):** ଗଞ୍ଜେଇଇ ଚୋରା ଚାଲାଣ ବେଳେ ବାରକୋଟ ଥାନା ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଗଞ୍ଜେଇ ଓ ଗୋଟିଏ ବୋଲେରୋ ଜବତ ହୋଇଛି। ଶନିବାର ରାତିରେ ରିଆମାଳ ପଟୁ ସଇଡା ଗ୍ରାମ ଅଭିମୁଖେ ଏକ ବୋଲେରୋ (ଓଆର-୦୯ କ୍ୟୁ-୮୭୫୪) ଯୋଗେ ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ଦେବଗଡ ଏସଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶରେ ବାରକୋଟ ଥାନା ଅଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର ଓ ଏସଆଇ ଦେବବ୍ରତ ନାୟକ ବାହାଡାପଶି ଛକଠାରେ ଛକି ରହିଥିଲେ । ଉକ୍ତ ବୋଲେରୋ ବାହାଡାପଶି ଛକ ନିକଟରେ ପହଞ୍ଚିବା ପରେ ସେଠାରେ ଥିବା ପୋଲିସ ଗାଡି ଯାଞ୍ଚ କରିଥିଲେ । ଯାଞ୍ଚରେ ଏକ ବସ୍ତା ଗଞ୍ଜେଇ ଥିବା ଜଣାପଡିଥିଲା। ଗାଡିରେ ଥିବା ସଇଡା ଗ୍ରାମର ଲୁଲୁ ସାହୁ (୩୮)ଙ୍କୁ ଗିରଫ କରାଯାଇଥିଲା। ରବିବାର ସକାଳେ ମାଜିଷ୍ଟ୍ରେଟ ଭାବେ ବାରକୋଟ ତହସିଲଦାର ବର୍ଷିୟସ ଡୁଙ୍ଗଡୁଙ୍ଗଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯାଇଥିଲା ।

## ବିଷ୍ଣୁଚରଣ ସିନିୟର, ସଞ୍ଚିତ ଜୁନିୟର ଚାମ୍ପିୟନ




ଜିଲାସ୍ତରୀୟ ଚେସ୍ ଟୁର୍ନାମେଣ୍ଟର କୃତୀ ଖେଳାଳୀମାନେ ଅତିଥିଙ୍କ ସହ ।

**ସମ୍ବଲପୁର, ୧୪।୩ (ବ୍ୟୁରୋ)**

**ଜିଲାସ୍ତରୀୟ ଚେସ୍ ଟୁର୍ନାମେଣ୍ଟ**

ଜିଲାସ୍ତରୀୟ ଚେସ୍ ପ୍ରତିଯୋଗୀତା-୨୦୨୧ ରବିବାର ରାତିରେ ସମ୍ବଲପୁର ହାଟପଡା କଲ୍ୟାଣ ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ସିନିୟର ବର୍ଗରେ ବିଷ୍ଣୁଚରଣ ସାହୁ ଓ ଜୁନିୟର ବର୍ଗରେ ସଂଚିତ ଆଚାର୍ଯ୍ୟ ଚାମ୍ପିୟନ ଟ୍ରଫି ହାସଲ କରିଛନ୍ତି। ସମ୍ବଲପୁର ଜିଲା ଚେସ୍ ସଂଘ ଓ ବୀରବଜରଙ୍ଗ ସଂଘ ମିଳିତ ଆନୁକୂଲ୍ୟରେ ଟୁର୍ନାମେଣ୍ଟ ହୋଇଥିଲା। ଏଥିରେ ୫୬ ଜଣ ଖେଳାଳି ଭାଗ ନେଇଥିଲେ। ବିଦ୍ୟୁଭୂଷଣ ମିଶ୍ର, ଦିଲୀପ ସାହୁଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ବୀରବଜରଙ୍ଗ ସଂଘ ସମ୍ପାଦକ ଦୀପକ ବରାଡ, କୋଷାଧ୍ୟକ୍ଷ ବିଶ୍ୱଜିତ ଦେହୁରୀ, ଅଜିତ ସେନାପତି, ସୋମନାଥ ସେଠ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ସନ୍ତୋଷ ମହାପାତ୍ର ଆର୍ବିଟର୍ ଥିଲେ ।

## ଜୁନିୟର ଆନ୍ତଃ କ୍ଲବ କ୍ରିକେଟ: ଫୋରସି ଚାମ୍ପିୟନ

**ସମ୍ବଲପୁର, ୧୪।୩ (ବ୍ୟୁରୋ)**

ଜିଲା କ୍ରୀଡା ସଂଘ ଓ ଓଡିଶା କ୍ରିକେଟ ଆସୋସିଏଶନ ଆୟୋଜିତ ଜୁନିୟର ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ରବିବାର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି। କମିଶନର୍ସ କଲୋନୀ କ୍ରିକେଟ କ୍ଲବ(ଫୋରସି) ଚାମ୍ପିୟନ ଓ ବୈଦିକ ସ୍କୁଲ ଦଳ ରନର୍ସଅପ୍ ଟ୍ରଫି ହାସଲ କରିଛନ୍ତି। ଜିଲା କ୍ରୀଡା ସଂଘ ଆଜୀବନ ସଭ୍ୟ ବିଶ୍ୱମ୍ଭର ବହିଦାର, କାଉନସିଲ ସଭ୍ୟ ସୁବୋଧ ସାହୁ, ସୟଦ ଜିନ୍ଦା, ସୁନୀଲ ସାହୁ, ବିକାଶ ମିଶ୍ର, ଆଥେଲେଟିକ ସମ୍ପାଦକ ସୁନ୍ଦରମଣୀ ବାରିକ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ ।




ରବିବାର ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅତିଥିଙ୍କ ଠାରୁ ଚାମ୍ପିୟନ ଫୋରସି ଦଳ ଟ୍ରଫି ଗ୍ରହଣ କରୁଛନ୍ତି ।

# ସ୍ପୋର୍ଟିଂ ୟୁନିୟନ, ଅଜିତପୁର କ୍ଲବ ବିଜୟୀ

**ସମ୍ବଲପୁର, ୧୪।୩ (ବ୍ୟୁରୋ)**

ନବମ ଦୀନବନ୍ଧୁ ଗୋସ୍ୱାମୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ମ୍ୟାଚରେ ସ୍ପୋର୍ଟିଂ ୟୁନିୟନ କ୍ଲବ ଓ ଅଜିତପୁର କ୍ଲବ ବିଜୟୀ ହୋଇ ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନିତ ହୋଇଛି। ହାୱା ମଇଦାନଠାରେ ପ୍ରଥମ ମ୍ୟାଚ ସ୍ପୋର୍ଟିଂ ୟୁନିୟନ ବନାମ ହୀରାକୁଦ ଆଗୁଆନ କ୍ଲବ ମଧ୍ୟରେ ହୋଇଥିଲା। ସ୍ପୋର୍ଟିଂ ୟୁନିୟନ ୧୨ ଓଭରରେ ୮ ଉଇକେଟ ହରାଇ ୧୭୮ ରନ କରିଥିଲା। ଜବାବରେ ଆଗୁଆନ କ୍ଲବ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ କରି ପରାଜୟ ବରଣ କରିଥିଲା। ସ୍ପୋର୍ଟିଂ ୟୁନିୟନର ସୁଜୟ ତ୍ରିପାଠୀ ୩୯ ବଲରେ ୬୬ ରନ ସଂଗ୍ରହ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ଶାସନ ଅଜିତପୁର କ୍ଲବ ବନାମ ସମ୍ବଲପୁର ଏଫଏମସିସି ମଧ୍ୟରେ ହୋଇଥିଲା। ଏଫଏମସିସି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୧୨୧ ରନ କରିଥିଲା। ଜବାବରେ ଅଜିତପୁର ଦଳ ୧୦ ଓଭରରେ ୬ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅମ୍ପେୟାର ମିଥିଲେଶ ପ୍ରସାଦ ଓ ସଞ୍ଜୟ ନାୟକ ମ୍ୟାଚ ପରିଚାଳନା କରିଥିଲେ। ପ୍ରତାପ ମିଶ୍ର ଧାରାବିବରଣୀ ପ୍ରଦାନ କରିଥିବା ବେଳେ ଚିତ୍ତରଞ୍ଜନ ସ୍କୋରର ଥିଲେ। ଆୟୋଜକ ଅନୁଷ୍ଠାନ ସଭାପତି ବିକାଶ ମିଶ୍ରଙ୍କ ପରିଚାଳନାରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସୁବୋଧ ସାହୁ ଓ ପବନ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଉପସଭାପତି ଭାଗିରଥି ସିଂଦେଓ ଓ ସମ୍ପାଦକ ସଞ୍ଜିବ ନାୟକ ଟୁର୍ନାମେଣ୍ଟ ପରିଚାଳନାରେ ପ୍ରମୁଖ ଭୁମିକା ଗ୍ରହଣ କରିଥିଲେ ।



ରବିବାର ସମ୍ବଲପୁର ହାୱା ମଇଦାନଠାରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳିମାନେ।

**ଦୀନବନ୍ଧୁ ଗୋସ୍ୱାମୀ କ୍ରିକେଟ ଟୁର୍ନାମେଣ୍ଟ**

## ଗଛଡାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବଲାଙ୍ଗୀର ଅଫିସ:** ବଲାଙ୍ଗୀର ଜିଲ୍ଲା ପୁଇଁତଲା ଥାନା ଅନ୍ତର୍ଗତ ବୁରୋଭାଡି ଗ୍ରାମର ସଚ୍ଚିଦାନନ୍ଦ ମାଝି (୨୬) ନାମକ ଜଣେ ଯୁବକଙ୍କ ମୃତଦେହ ରବିବାର ମଧ୍ୟାହ୍ନରେ ଏକ ଗଛଡାଳରୁ ପୁଇଁତଲା ପୋଲିସ ଉଦ୍ଧାର କରିଛି। ଏପ୍ରିଲ ମାସରେ ତାଙ୍କର ବିବାହ ସ୍ଥିର ହୋଇଥିଲା। ବିବାହ ନିମନ୍ତ୍ରଣ କାର୍ଡ ଛାପିବାକୁ ବଲାଙ୍ଗୀର ଆସିବା ବାଟରେ ସଚ୍ଚିଦାନନ୍ଦ ଆତ୍ମହତ୍ୟା କରିଥିବା କୁହାଯାଉଛି। ମୃତଦେହକୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ବ୍ୟବଚ୍ଛେଦ କରିବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ବିବାହ ସ୍ଥିର ହୋଇଥିବା ଯୁବକଙ୍କ ଏଭଳି ଆତ୍ମହତ୍ୟା ଘଟଣାକୁ ନେଇ ପରିବାର ଲୋକେ ଭାଙ୍ଗି ପଡିଛନ୍ତି।

## ଆଜି କ'ଣ କେଉଁଠି

ବରଗଡ଼

- ଆକାଶବାଣୀ ଶ୍ରୋତା ସମ୍ମିଳନୀ, ଅଗ୍ରଗାମୀ ଯୁବକ ସଂଘ, ପୂର୍ବାହ୍ନ ୧୦ଟା।
- ରକ୍ତ ପୃଥକୀକରଣ ୟୁନିଟ୍ କାର୍ଯ୍ୟକ୍ଷମ ଦାବିରେ ଧାରଣା, ଜିଲାପାଳ ଅଫିସ ସମ୍ମୁଖ, ଦିନ ୧୦ଟା।
- ଜିଲାସ୍ତରୀୟ କୃଷି ମହୋତ୍ସବ ଉଦଘାଟନ, ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର, ଦିନ ୧୧ଟା ୧୫ ମିନିଟ୍।

## ସଂକ୍ଷେପରେ

### ଜେଲ୍ ଗଲେ ଶିକାରୀ

**ଲୋଇସିଂହା,୧୪।୩(ଡି.ଏନ.ଏ.):** ଲୋଇସିଂହା ରେଞ୍ଜ କରକଟିଆ ଛକରେ ବନ୍ୟଜନ୍ତୁ ଶିକାର କରିବା ଅଭିଯୋଗରେ ଗିରଫ ବଲାଙ୍ଗିର ସଦର ଥାନା ବାଦିପାଲି ଗାଁର ମଣ୍ଟୁ କରନ(୨୪)ଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲା ବନ ବିଭାଗ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଲୋଇସିଂହା ରେଞ୍ଜରେ ଏକ ମାମଲା(ନଂ. ୨୮୧/୨୦-୨୧)ରେ ରୁଜୁ ହୋଇଛି।

### ୭୨ କିଲୋ ୨୦୦ ଗ୍ରାମ ଗଞ୍ଜେଇ ଜବତ: ୨ ଗିରଫ

**ବାଉଁଶୁଣୀ,୧୪।୩ (ଡି.ଏନ.ଏ.):** ଶନିବାର ଏସ୍‌ଟିଏଫ ପକ୍ଷରୁ ଚଢାଉ କରାଯାଇ ବୌଦ୍ଧ ଜିଲା ବାଉଁଶୁଣୀ ଥାନା ସିଙ୍ଗାରି ନିକଟରୁ ୭୨ କିଲୋ ୨ଶହ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଓଡି ୦୫ ଏଜେଡ- ୬୫୫୩ ନମ୍ବର ବିଶିଷ୍ଟ ଏକ ଡାଲା ଗାଡିରେ ଏହି ଗଞ୍ଜେଇ ଚାଲାଣ ହେଉଥିଲା। ଏହି ଘଟଣାରେ ସମ୍ପୃକ୍ତ ଦୁଇଜଣ ଯୁବକ ବିଷମକଟକର ରମେଶ ଚନ୍ଦ୍ର କୌଶଲ୍ୟା ଓ କୋରାପୁଟର ଲକ୍ଷ୍ମଣ ଜାଲଙ୍କୁ ଏସଟିଏଫ ଟିମ ଗିରଫ କରିଛି। ତେବେ ଶ୍ରୀକୃଷ୍ଣ ଖଟୁଆ (ହିଲୁଙ୍ଗ), ଚିତ୍ତରଞ୍ଜନ ପଲେଇ (ଢେଙ୍କାନାଳ) ଓ ବିଷ୍ଣୁ ଫେରାର ଅଛନ୍ତି ବୋଲି ଜଣାପଡିଛି। ଏ ସମ୍ପର୍କରେ ବାଉଁଶୁଣୀ ଥାନାରେ ନଂ୩୧/୨୧ରେ ଏକ ମାମଲା ରୁଜୁ ହୋଇଛି। ରବିବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବାଉଁଶୁଣୀ ଥାନା ଅଧିକାରୀ ସୁବାଷ ଚନ୍ଦ୍ର ରାୟଗୁରୁ ସୂଚନା ଦେଇଛନ୍ତି। ଏହି ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଥାନା ଅଧିକାରୀ କହିଛନ୍ତି।

### ଚକ୍ଷୁ ପରୀକ୍ଷା ଶିବିର

**ଘଣ୍ଟାପଡା,୧୪।୩ (ଡି.ଏନ.ଏ):** ଭରସା ପରିବାର କଣ୍ଟାମାଳ ଶାଖା ଏବଂ ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତ ସଭାଗୃହରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଯଦୁବିହାରୀ ବାଘ ଏବଂ ଉମେଶ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ କଣ୍ଟାମାଳ ବିଧାୟକ ମହୀଧର ରଣାଙ୍କ ପ୍ରତିନିଧି ସୁଧାଂଶୁ ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଘଣ୍ଟାପଡା ସରପଞ୍ଚ ଜିତେନ୍ଦ୍ର ପ୍ରସାଦ ଦେହୁରୀ, ସାମାଜିକ କର୍ମୀ ଚଞ୍ଚଳ ରଣା, ପ୍ରେମରାଜ ରଣା, ମହେନ୍ଦ୍ର ଦାସ, ଦାନବୀର ରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁର ପକ୍ଷରୁ ଡା. ଜିତେନ୍ଦ୍ର କୁମାର ସାହୁ, କ୍ୟାମ୍ପ ପରିଚାଳକ ମାନସ ବେହେରା, କ୍ୟାମ୍ପ ସଂଯୋଜକ ରାଜେଶ ମେହେର, ଷ୍ଟାପନର୍ସ ସରସୀ ରଣା, ସନ୍ଧ୍ୟା ସେଉଳ, କରିସ୍ମା ପଟେଲ, ସିଦ୍ଧେଶ୍ୱର ଭୋଇ ଯୋଗଦେଇ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଦେବାର୍ଚ୍ଚନ ରଣା, ରୁଷିବନ୍ତ ରଣା, ଅଖିଳ ରଣା, ରାମଚନ୍ଦ୍ର ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ। କ୍ୟାମ୍ପରେ ୧୧୦ ଜଣ ବ୍ୟକ୍ତି ଚକ୍ଷୁ ପରୀକ୍ଷା କରିଥିଲେ। ୪୦ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ସମ୍ବଲପୁର ଚିକିତ୍ସାଳୟକୁ ପଠାଯିବ ବୋଲି ଜଣାପଡିଛି।

### ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

**କୋକସରା, ୧୪।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଆମପାଣି ଗ୍ରାମରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆମପାଣି ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ବିନୟ ଭୂଷଣ ପ୍ରଧାନ, ଆମପାଣି ଥାନା ଅଧିକାରୀ ପୁଷ୍ପାଳି ନିଙ୍ଗି, ଆମପାଣି ସରପଞ୍ଚ ଟିକିଚନ୍ଦ୍ର ଧଙ୍ଗଡ଼ାମାଝି, ରାମେଶ୍ୱର ଜାଲ, ଦଶରଥ ମାଝିଙ୍କ ସମେତ ତ୍ରିନାଥ ପ୍ରସନ୍ନ ରାୟ, ଯୁଗଳ କିଶୋର ମାଝି, ହିମାଂଶୁ ମାଝି, ଏଏସ୍‌ଆଇ ରାମ ଶଙ୍କର ବାଗ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆମପାଣି ଗ୍ରାମର ବିଭିନ୍ନ ସ୍ଥାନରେ ଜମା ଆବର୍ଜନା ସଫା କରିବା ସହ ଲୋକଙ୍କୁ ସଚେତନ କରିଥିଲେ। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ବ୍ୟାଙ୍କ ଶାଖା ପରିଚାଳକ ସୂଚନା ଦେଇଛନ୍ତି।

# ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ

**ରଞ୍ଜିତ ହଂସ ମୃତ୍ୟୁ ଘଟଣା**

- ଉଚ୍ଚସ୍ତରୀୟ ତଦନ୍ତ ଦାବି, ଥାନା ସମ୍ମୁଖରେ ରାସ୍ତାରୋକୋ

**ଜୁନାଗଡ, ୧୪।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ଲକ୍ଷ୍ମୀ ସାଗରପଡାର ରଞ୍ଜିତ ହଂସ ମୃତ୍ୟୁ ଘଟଣାର ନୂଆ ମୋଡ ନେଉଛି। ଦୁର୍ଘଟଣାରେ ନୁହେଁ ବରଂ ରଞ୍ଜିତଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାରବର୍ଗ ଅଭିଯୋଗ ଆଣିଛନ୍ତି। ରବିବାର ମଧ୍ୟାହ୍ନରେ ଉଚ୍ଚସ୍ତରୀୟ ତଦନ୍ତ ଦାବି ନେଇ ପରିବାରବର୍ଗ ଓ ପଡାବାସୀ ଜୁନାଗଡ ଥାନା ସମ୍ମୁଖ ୨୬ ନଂ. ଜାତୀୟ ରାଜପଥ ୧ ଘଣ୍ଟା ଧରି ଅବରୋଧ କରିଥିଲେ। ଫଳରେ ରାସ୍ତାରେ ଯାଉଥିବା ଶତାଧିକ ଯାନବାହନ ଅଟକି ରହିଥିଲା। ଫଳରେ ରାସ୍ତାରେ ଯାତାୟତ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜୁନାଗଡ ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ କୁମାର



ଉତ୍ତ୍ୟକ୍ତ ଲୋକଙ୍କୁ ଥାନା ଅଧିକାରୀ ବୁଝାଉଛନ୍ତି।

ସାହୁ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଉଚ୍ଚସ୍ତରୀୟ ତଦନ୍ତର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଫଳରେ ଯାତାୟତ ସ୍ୱାଭାବିକ ହୋଇଥିଲା।

ପ୍ରକାଶ ଯେ, ଗତ ଗୁରୁବାର ରାତିରେ ଜୁନାଗଡ ସହରସ୍ଥିତ ଲକ୍ଷ୍ମୀସାଗର ପଡାର ରଞ୍ଜିତ ହଂସ (୨୩) ସମ୍ପର୍କୀୟ ରଣପୁର ଗ୍ରାମରୁ ଏକ ବାଇକ୍ (ନଂ. ଓଡି୦୮ଏ- ୩୫୧୯) ଯୋଗେ ଜୁନାଗଡକୁ ଆସୁଥିଲେ। ୧୨ ତାରିଖ ଶୁକ୍ରବାର ସକାଳରେ ଜୁନାଗଡ ବ୍ଲକ ବନମାଳୀପୁର ରାଇସମିଲ ନିକଟରେ ରଞ୍ଜିତ ବାଇକ୍‌ରୁ ପଡି ମୃତ୍ୟୁ ବରଣ କରିଥିବା ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ଜୁନାଗଡ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରିଥିଲା। ରଞ୍ଜିତ ଦୁର୍ଘଟଣାରେ ନୁହେଁ, ବରଂ ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାରବର୍ଗ ଅଭିଯୋଗ ଆଣିଥିଲେ।

# ବ୍ଲକସ୍ତରୀୟ ଯାଦବ ସମାବେଶ



ବୈଠକରେ ଉପସ୍ଥିତ ସମାଜର କର୍ମକର୍ତ୍ତା ଓ ସଦସ୍ୟମାନେ।

**ମୁରିବାହାଲ, ୧୪।୩ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଡଙ୍ଗରପଡା ପଞ୍ଚାୟତର କୋକଡୁଙ୍ଗରୀଠାରେ ବ୍ଲକସ୍ତରୀୟ ଯାଦବ ମହାସଭାର ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଯାଦବ ମହାସଭା ସଭାପତି ପରମାନନ୍ଦ ହାତୀ, ବ୍ଲକ ଯୁବ ଯାଦବ ସଭାପତି ଗଙ୍ଗାଧର ହେର୍ଣ୍ଣା, ବ୍ଲକ ଯାଦବ ମହାସଭା ସମ୍ପାଦକ ତରୁଣ ପୋଢ଼, ଉପଦେଷ୍ଟା ଶ୍ରୀପତି ଷାଣ୍ଢ, ଡଙ୍ଗରପଡା ପଞ୍ଚାୟତ ସଭାପତି ଭୂବନ ବାଗ, ବଙ୍ଗୋମୁଣ୍ଡା ବ୍ଲକ ଯୁବ ଯାଦବ ମହାସଭା ସଭାପତି ଘନଶ୍ୟାମ ମନହୀରା, ଯୁଧିଷ୍ଠିର ଭରାସଗ୍ରିଆ, ହୁଲେଶ୍ୱର ହଂସ ଅତିଥିଭାବେ ଯୋଗଦେଇଥିଲେ। ଯାଦବ ସମାଜକୁ ସଂସ୍କାରଧର୍ମୀ କରି ସଂଗଠିତ କରିବା ପାଇଁ ଅତିଥିମାନେ ଆହ୍ୱାନ କରିଥିଲେ। ପରେ ଡଙ୍ଗରପଡା, ଗୋଲମୁଣ୍ଡ ଓ ପତ୍ରାପାଲି ପଞ୍ଚାୟତର ସଂଗଠନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ତେଜୁରାମ ବାଗ ସଭା ସଂଯୋଜନା କରିଥିବା ବେଳେ ଯୁଧିଷ୍ଠିର ଭରାସଗ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ। ମଦନ ବାଗ, ପୁରୁଷୋତ୍ତମ ଟାହାଣୀ, ଘନଶ୍ୟାମ ବାଗ, ଅରକ୍ଷିତ ଠେଲା, ବିଜୟ ଟାହାଣୀ, ସାଧୁ ବନଛୋର, ସହଦେବ ଟାହାଣୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ୨ ଶ୍ରମିକ ଗୁରୁତର

**କେସିଙ୍ଗା, ୧୪।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଶିରୋଲ ଗ୍ରାମପଞ୍ଚାୟତ ଅଧୀନ ପୋଡଖମ୍ବ ଗ୍ରାମର ନିକଟରେ ଏକ ବ୍ରିଜ କାମ ନିର୍ମାଣ ବେଳେ ରବିବାର ୨ଜଣ ଶ୍ରମିକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ସେମାନଙ୍କୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅବସ୍ଥା ଅତିସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ଭବାନୀପାଟଣା ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ପୂର୍ତ୍ତ ବିଭାଗ ଦ୍ୱାରା ପୋଡଖମ୍ବ ଗ୍ରାମ ନିକଟ ବୁଡାବାହାଲରେ ବ୍ରିଜ ନିର୍ମାଣ ଦୀର୍ଘ ଦିନରୁ ଚାଲିଛି। ବ୍ରିଜ ନିର୍ମାଣ କାର୍ଯ୍ୟରେ ପାଣି ସିଞ୍ଚନ ପାଇଁ ଏକ ପାଣିଟାଙ୍କି ଅଣାଯାଇଥିଲା। ପାଣି ଅଛିକି ନାହିଁ ବୋଲି କାର୍ଯ୍ୟରତ ୨ଜଣଙ୍କ ମଧ୍ୟରୁ ଜିତୁ ମାଝି (୧୪) ନାବାଳକ ଶ୍ରମିକ ପାଣି ଟାଙ୍କି ଗାଡି ଉପରକୁ ଚଢ଼ି ଏକ ଲୁହା ଛଡ ଦ୍ୱାରା ଟାଙ୍କି ଭିତରକୁ ପୁରାଇଥିଲେ। ପାଣି ଟାଙ୍କି ଉପର ଦେଇ ଯାଇଥିବା ୩୩ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜିତୁଙ୍କ ଦେହର ବିଭିନ୍ନ ଅଂଶରେ ପୋଡିଯିବାରୁ ଚେତାଶୂନ୍ୟ





ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

- ୬ ଶିଶୁ ଶ୍ରମିକଙ୍କୁ ନିୟୋଜିତ
- ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଶିଶୁ ଶ୍ରମିକଙ୍କ ଦୁର୍ଦ୍ଦଶା

ହୋଇଥିଲେ। ତଳେ ଥିବା ଅନ୍ୟ ଜଣେ ଡେକୁଲା ମାଝି(୫୫)ଙ୍କ ଦେହର ବିଭିନ୍ନ ଅଂଶ ପୋଡିଯାଇଛି। ଉଭୟଙ୍କୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରାଥମିକ ଚିକିତ୍ସା ପାଇଁ ପଠାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଭବାନୀପାଟଣା ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଏହି ବ୍ରିଜ କାର୍ଯ୍ୟରେ ୬ଜଣ ଶିଶୁ ଶ୍ରମିକ ନିୟୋଜିତ ଥିବା ଜଣାପଡିଛି। ପୂର୍ତ୍ତ ବିଭାଗ ଏମଏସଆରବିଏମ କନ୍‌ଷ୍ଟ୍ରକ୍ସନ୍‌ର ସ୍ୱତନ୍ତ୍ର ଶ୍ରେଣୀର ଠିକାଦାର ଶିଶୁ ଶ୍ରମିକଙ୍କୁ ନିୟୋଜିତ କରି ନିମ୍ନମାନର କଂକ୍ରିଟ କାମ କରୁଥିବାରୁ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ଶ୍ରମ ବିଭାଗ ଦୃଷ୍ଟି ମଧ ପଡୁ ନ ଥିବାରୁ ନିରୀହ ଆଦିବାସୀ ଶ୍ରେଣୀ ନାବାଳକମାନେ ଏହି ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ଶିଶୁ ଶ୍ରମିକଙ୍କୁ ଦୈନିକ ଏକ ଶହ ପଚାଶ ଟଙ୍କାରୁ ଦୁଇ ଶହ ଟଙ୍କା ଦିଆଯାଉଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦୈନିକ ୩୮୫ ଟଙ୍କା ଦେବା ନିୟମ ଥିଲେ ସୁଦ୍ଧା ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଏହିପରି ହେଉଥିବା ଜଣାପଡିଛି। ଏ ନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀ ବିଷ୍ଣୁ ପ୍ରଦାଦ କରୁଙ୍କୁ ପଚାରିବାରୁ ମୁ କିଛି ଜାଣି ନାହିଁ ବୋଲି ପ୍ରକାଶ କରିଥିଲେ।

# ସ୍ୱାମୀ, ଶ୍ୱଶୁର ଓ ବଡ଼ଶ୍ୱଶୁର ଗିରଫ

**ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ଘଟଣା**

- ବୋହୂଙ୍କୁ ପେଟ୍ରୋଲ ଢାଳି ମାରିବା ଅଭିଯୋଗ

**ଗୋଲାମୁଣ୍ଡା, ୧୪।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେଗାଁ ଥାନା କନକପୁର ଗ୍ରାମ ଏକ ଜଙ୍ଗଲ ନିକଟରୁ ଜଣେ ବିବାହିତ ମହିଳା ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରିଥିଲା। ଏହି ଘଟଣାରେ ପୋଲିସ ରବିବାର ମୃତ ମହିଳାଙ୍କ ସ୍ୱାମୀ ଶ୍ୟାମସୁନ୍ଦର ନାଏକ, ଶ୍ୱଶୁର ବାସୁଦେବ ନାଏକ ଓ ବଡଶ୍ୱଶୁର ରାଜିବ ନାଏକଙ୍କୁ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇଛି।

ଗତ ୫ ତାରିଖ ଅପରାହ୍ନରେ କେଗାଁ ଥାନା କନକପୁର ଗ୍ରାମ ଜଙ୍ଗଲ ନିକଟରୁ ବିବାହିତ ମହିଳା ଅର୍ଦ୍ଧଦଗ୍ଧ ମୃତଦେହ ପୋଲିସ ଉଦ୍ଧାର କରିଥିଲ। ମୃତ ମହିଳା କନକପୁର ଗ୍ରାମର ଶ୍ୟାମସୁନ୍ଦର ନାଏକଙ୍କ ସ୍ତ୍ରୀ ପ୍ରିୟଙ୍କା ନାଏକ ବୋଲି ଜଣାପଡିଥିଲା। ଏ ନେଇ ମହିଳାଙ୍କ ବାପା ମଙ୍ଗନିଆ ରଣା ପ୍ରିୟଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ପେଟ୍ରୋଲ ଢାଳି ମାରି ଦେଇଥିବା ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଥିଲା। ରବିବାର କେଗାଁ ପୋଲିସ ଦଫା ୪୯୮(ଏ)/୩୦୨ /୩୦୪(ବି)/୨୦୧ /୩୪ ଆଇପିସି ଆରଡବ୍ଲ୍ୟୁ ସେକ୍ସନ ୪ ଡିପି ଆକ୍ଟରେ ମୃତ ମହିଳାଙ୍କ ସ୍ୱାମୀ, ଶ୍ୱଶୁର ଓ ବଡଶ୍ୱଶୁରଙ୍କୁ ଗିରଫ କରି ବିଚାରବିଭାଗୀୟ ହାଜତକୁ ପଠାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ ଯେ, ଗତ ୬ ବର୍ଷ ତଳେ ତାଙ୍କ ବାହାଘର ହୋଇଥିବା ବେଳେ ତାଙ୍କର ୫ ବର୍ଷର ଜାଆଁଳା ପୁଅ ଅଛନ୍ତି।

# ବୋଲେରୋ ଓଲଟି ଡ୍ରାଇଭର ମୃତ

**ଅତାବିରା,୧୪।୩(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଥାନା ଅଧୀନ ରେଙ୍ଗାଲିକ୍ୟାମ୍ପ ନିକଟ ଏକ ପେଟ୍ରୋଲ ପମ୍ପ ପାଖରେ ଶନିବାର ବିଳମ୍ବିତ ରାତ୍ରିରେ ବୋଲେରୋ (ନଂ. ଓଡ଼ି ୧୭ଏଲ / ୩୬୦୩) ଓଲଟି ପଡ଼ିବାରୁ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରଗଡ଼ ଖଜୁରଟିକ୍ରା ୱାର୍ଡ଼ ନଂ.୮ର ବାସିନ୍ଦା ନରେଶ ଦେହୁରୀ(୩୪)। ବରଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଅତାବିରା ଥାନାରେ ଏକ ମାମଲା (ନଂ.୬୮/୨୧) ରୁଜୁ ହୋଇଛି। ବୋଲେରୋଟି ବରଗଡ଼ ପଟକୁ ଯାଉଥିବାବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ନରେଶ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ବରଗଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାଗ୍ରସ୍ତ ଭ୍ୟାନକୁ ଜବତ କରି ପୋଲିସ ତଦନ୍ତ କରୁଛି।

# ଚିତ୍ରକଳା ମାଧ୍ୟମରେ ଜଳ ସଞ୍ଚୟର ବାର୍ତ୍ତା




ଜାତୀୟ ଜଳ ମିଶନ ଯୋଜନା ସହଯୋଗରେ ଚିତ୍ରକଳା ମାଧ୍ୟମରେ ବାର୍ତ୍ତା ଦିଆଯାଉଛି।

**ପଲମ, ୧୪।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ସରିଆଁ ପଞ୍ଚାୟତସ୍ଥିତ ସରିଆଁ ଗ୍ରାମଠାରେ ଜଳ ସଞ୍ଚୟର ବାର୍ତ୍ତା ବୋର୍ଡ ସ୍ଥାପନ ହୋଇଯାଇଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି ଆନୁକୁଲ୍ୟରେ ସରିଆଁ ଭବାନୀଶଙ୍କର ସାଂସ୍କୃତିକ ଅନୁଷ୍ଠାନ ସହଯୋଗରେ ପ୍ରାଚିର ଚିତ୍ରକଳା ମାଧ୍ୟମରେ ଜଳ ସଞ୍ଚୟର ବାର୍ତ୍ତା ପ୍ରଦାନ କରାଯାଇଛି। ଜାତୀୟ ଜଳ ମିଶନ ଯୋଜନା ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜଳ ହେଉଛି ଏକ ଅମୂଲ୍ୟ ସମ୍ପଦ, ଏହାର ସଂରକ୍ଷଣ ନିତାନ୍ତ ଆବଶ୍ୟକ ତେଣୁ ବର୍ଷା ଦିନେ ଅପବ୍ୟବହୃତ ନଷ୍ଟ ହେଉଥିବା ଜଳକୁ ସଂରକ୍ଷଣ କରି ଭଵିଷ୍ୟତରେ ବ୍ୟବହାର କରିବା ସମ୍ପର୍କରେ ଲୋକଙ୍କୁ ଚିତ୍ର ମାଧ୍ୟମରେ ସଚେତନ କରାଯାଇଛି। ସୁନନ୍ଦ ଭୋଇ ଚିତ୍ର ଆଙ୍କିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି, ନର୍ଲା ବ୍ଲକ ଜାତୀୟ ଯୁବ ସ୍ୱେଚ୍ଛାସେବୀ ମିଳନ କୁମାର ଭୋଇ ଓ କ୍ଲବ ସଦସ୍ୟମାନେ ଉପସ୍ଥିତ ରହିଥିଲେ। ଗ୍ରାମର ଶତାଧିକ ଲୋକ ଯୋଗଦାନ ସହଯୋଗ କରିଥିଲେ।

# ଛତିଶଗଡ଼ ଚଲୋ ଅଭିଯାନ

**ପଦ୍ମପୁର, ୧୪।୩ (ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଚର୍ଦ୍ଦାପାଲି ଗ୍ରାମପଞ୍ଚାୟତର ଶତାଧିକ ମହିଳା ପୁରୁଷ ରବିବାର ଛତିଶଗଡ ଚଲୋ ଅଭିଯାନରେ ସାମିଲ ହୋଇଥିଲେ। ସେମାନେ ଛତିଶଗଡ ରାଜ୍ୟ ଘଣ୍ଟେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ସରାଇପାଲି ବିଧାୟକ କିସ୍ମତଲାଲ ନନ୍ଦଙ୍କୁ ଭେଟି ସେମାନଙ୍କୁ ଛତିଶଗଡ଼ରେ ମିଶାଇବା ପାଇଁ ଅନୁରୋଧ କରିଥିଲେ। ଏହି ପରିପ୍ରେକ୍ଷୀରେ ସେମାନେ ବିଧାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉଭୟ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଚର୍ଦ୍ଦାପାଲି



ଚର୍ଦ୍ଦାପାଲି ଅଞ୍ଚଳବାସୀ ସରାଇପାଲି ବିଧାୟକଙ୍କୁ ସ୍ମାରକପତ୍ର ଦେଉଛନ୍ତି।

ଅଞ୍ଚଳବାସୀଙ୍କ ପାଇଁ ସମସ୍ତ ସୁବିଧା କରାଯିବ ବୋଲି ବିଧାୟକ ନନ୍ଦ କହିଥିଲେ। ସୂଚନାଯୋଗ୍ୟ, ଉକ୍ତ ଗ୍ରାମପଞ୍ଚାୟତର କୌଣସି ଗ୍ରାମକୁ ଭଲ ରାସ୍ତା ନାହିଁ। ଅଙ୍ଗ ନଦୀରେ ପୋଲ ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି। ଓଡିଶା ସରକାରଙ୍କୁ ଅସୁବିଧା ସମ୍ପର୍କରେ ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉନାହିଁ।

# ଦଣ୍ଡପାଟ ଚାମ୍ପିୟନ୍ ଟ୍ରଫି: ଝରିଆଗୁଡ଼ା ଚାମ୍ପିୟନ



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

**ବେହେରା, ୧୪।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ଦଣ୍ଡପାଟ ଅଞ୍ଚଳର ବେହେରା ହାଇସ୍କୁଲ ଚାଲିଥିବା ୨୫ ତମ ଦଣ୍ଡପାଟ ଚାମ୍ପିୟନ ଟ୍ରଫି ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବାନେର ଓ ଝରିଆଗୁଡା ମଧ୍ୟରେ ହୋଇଥିଲା। ଟସ୍ ଜିତି ବାନେର ଦଳ ବ୍ୟାଟିଂ କରି ୨୦ ଓଭରରେ ୧୩୪ ରନ କରି ସମସ୍ତ ଉଇକେଟ୍ ହରାଇଥିଲା। ଜବାବ୍‌ରେ ଝରିଆଗୁଡା ୨ ଉଇକେଟରେ ୧୧.୪ ଓଭରରେ ବିଜୟ ହୋଇଥିଲା। ସୁମିତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ବାନେର ଦଳର ଚିତାଙ୍କୁ ମ୍ୟାନ ଅଫ ଦି ସିରିଜ ଘୋଷଣା କରାଯାଇଥିଲା। ମ୍ୟାଚକୁ ଟଙ୍କଧର ନାଏକ ଓ ଟଙ୍କ ପଟେଲ ପରିଚାଳନା କରିଥିଲେ। ତ୍ରିଲୋକ ସିଂହ ଓ ସଚ୍ଚିଦାନନ୍ଦ ଗୌଡ ସ୍କୋରିଂ ଦାୟିତ୍ୱରେ ଥିବା ବେଳେ କ୍ଷୀରସିନ୍ଧୁ ବାଗ ଧାରାବିବରଣୀ ପ୍ରଦାନ କରିଥିଲେ। ବେହେରା କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ମାଝି, ସମ୍ମାନିତ ଅତିଥି ଭାବେ ପୂର୍ବତନମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ବିଜେଡି ଯୁବ ସଭାପତି ଆଦିତ୍ୟନନ୍ଦ, ବିଜୁ ଛାତ୍ର ଜନତା ଦଳ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ବିଜୁ ଜନତା ଦଳ ଉପସଭାପତି ମଣ୍ଟୁ ନାଏକ, ବେହେରା ସରପଞ୍ଚ ସୁଚିତ୍ରା ଗୋପାଳ, ଧର୍ମଗଡ ବ୍ଲକ ଅଧ୍ୟକ୍ଷ ବଳରାମ ପୂଝାରୀ ପ୍ରମୁଖ ଯୋଗଦେଇଥିଲେ। ଆୟୋଜକ କମିଟିର ପ୍ରଶାନ୍ତ ତିୱାରୀ, ରଜନୀ ନାଏକ, ଭବେଶ ଗଇନ୍ତା, ବିନ୍ଦୁସାର ବିଶି, ଅଜୟ ତିୱାରୀ ଏବଂ ସମସ୍ତ ସଦସ୍ୟ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ।

# ଆନ୍ତଃ ଜିଲା ସିନିୟର କ୍ଲବ କ୍ରିକେଟ: ମନୋର କ୍ଲବ ବିଜୟୀ

**ଭବାନୀପାଟଣା, ୧୪।୩ (ଡି.ଏନ.ଏ.)**

ଓସିଏ ଭିଜନ୍ ୨୪ ଇଣ୍ଟର ଜିଲା ସିନିୟର କ୍ଲବ ଟୁର୍ନାମେଣ୍ଟ କଳାହାଣ୍ଡି ଜୋନରେ ରବିବାର ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ଜଗମୋହନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମନୋର କ୍ଲବ ବନାମ ନବଦୁର୍ଗା କ୍ରିକେଟ କ୍ଲବ ମଧ୍ୟରେ ୪୦ ଓଭର ଖେଳ ଅନୁଷ୍ଠିତ ହୋଇଥିଲା। ଏନଡିସିସି ପ୍ରଥମେ ବ୍ୟାଟିଂ କରି ୩୩.୧ ଓଭରରେ ୧୫୧ ରନ କରି ସମସ୍ତ ଉଇକେଟ ହରାଇଥିଲ। ଜବାବରେ ମନୋର କ୍ଲବ ବ୍ୟାଟିଂ କରି ୨୨ ଓଭରରେ ୪ ଉଇକେଟ ହରାଇ ୧୫୨ ରନ କରି ୬ ଉଇକେଟ ହରାଇ ବିଜୟୀ ହୋଇଥିଲା। ଖେଳକୁ ପ୍ରଭାତ କୁମାର ବ୍ରହ୍ମା ଓ ରଘୁନାଥ ମିଶ୍ର ପରିଚାଳନା କରିଥିଲେ। କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥା ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠୀ, କୋଷାଧ୍ୟକ୍ଷ ନିର୍ମଳ ସିଂ, ଯୁଗ୍ମସମ୍ପାଦକ ସୁନୀଲ କୁମାର ବେହେରା ଓ କାଳୀ ପ୍ରସାଦ ପଟ୍ଟନାୟକ, କ୍ରିକେଟ ସମ୍ପାଦକ ସନ୍ତ ସିଂ, କ୍ରୀଡା ସମ୍ପାଦକ ଚକ୍ରଧର ସେଠୀ, କାଉନସିଲ ସଦସ୍ୟ ସୁବାଷ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ବଣ୍ଡୋଗୁଡ଼ାକୁ ଟାଇଟଲ

**ଜୁନାଗଡ, ୧୪।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବୁଡିଦର ପଞ୍ଚାୟତ ତେନ୍ତୁଲିପଡାଠାରେ ଚାଲିଥିବା ମା' ଧରଣୀ ବୁଢୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ତେନ୍ତୁଲିଖୁଣ୍ଟି ଓ ବୋଣ୍ଡୋଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଣ୍ଡୋଗୁଡା ୧୫ ଓଭରରେ ୮ଉଇକେଟ ହରାଇ ୧୬୧ ରନ ସଂଗ୍ରହ କରିଥିଲା। ଜବାବରେ ତେନ୍ତୁଲିଖୁଣ୍ଟି ଦଳ ୧୫ ଓଭରରେ ୯ ଉଇକେଟ ହରାଇ ୧୨୭ ରନ କରି ପରାଜିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜୁନାଗଡ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ସମ୍ମାନିତ ଅତିଥି ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ଆଇନଜୀବୀ ପ୍ରଦ୍ୟୁମ୍ନ ରାଉତ, ପୂର୍ବତନ ସରପଞ୍ଚ ଦେବରାଜ ଛତ୍ରିଆ, ସଞ୍ଜୟ ଗୁପ୍ତା, ବିଜୟ ଛତ୍ରିଆ, ଚର୍ତୁଭୂଜ ବାଗ, ତ୍ରିନାଥ ବାଗ, ପରିଚାଳନା କମିଟି ସଭାପତି ନବିନ ବାଗ, ସମ୍ପାଦକ ଜଗଦାନନ୍ଦ ବାଗ, ଧବଳେଶ୍ୱର ବାଗ, ପ୍ରଶାନ୍ତ ନାଏକ, ଯଶୋବନ୍ତ ନାଏକ, ଡମ୍ବରୁଧର ନାଏକ, ମାଧବ ବାଗ ପ୍ରମୁଖ ଯୋଗଦେଇଥିଲେ। ୮ଦିନ ଧରି ଚାଲିଥିବା ଟୁର୍ନାମେଣ୍ଟରେ ୧୬ଟିଦଳ ଭାଗ ନେଇଥିଲେ।




ଚାମ୍ପିୟନ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

**ଅସହାୟ ବୃଦ୍ଧା ଉଦ୍ଧାର**

ଅତାବିରା,(ଡି.ଏନ.ଏ): ବରଗଡ ଜିଲା ଅତାବିରା ବ୍ଲକ କାର୍ଯ୍ୟାଳୟ ବାରଣ୍ଡାରେ ପଡି ରହିଥିବା ଜଣେ ଅସହାୟ ବୃଦ୍ଧାଙ୍କୁ ରବିବାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ପାର କର୍ମକର୍ତ୍ତାମାନେ ପ୍ରଶାସନ ସହାୟତାରେ ଉଦ୍ଧାର କରିଛନ୍ତି। ବୃଦ୍ଧା ଜଣକ ଭୋକ ଉପାସରେ ଏଣେତେଣେ ବୁଲା ବୁଲି କରୁଥିଲେ। ସେ ନିଜର ପରିଚୟ କହିପାରୁନାହାନ୍ତି। ଏହି ସମୟରେ ଅତାବିରା ବ୍ଲକ ଜନ ମଙ୍ଗଳ ଅଧିକାରୀ ଆମ୍ବୁଜା ପ୍ରଧାନ, ଏବିଡିଓ ଯୋଗୀନାଥ ବେହେରା, ଟୋପ ପଞ୍ଚାୟତ ସମ୍ପାଦକ ଝସକେତନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମାର୍ଚ୍ଚ ୬ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବିଡିଓ ପ୍ରଣବ କୁମାର ଚାନ୍ଦ ଥଇଥାନ ପାଇଁ ଦୁଲମପୁର ସରପଞ୍ଚଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରପଞ୍ଚ ଘଟଣାସ୍ଥଳକୁ ପହଞ୍ଚିବା ବେଳେ ସେ ଅନ୍ୟତ୍ର ଚାଲିଯାଇଥିଲେ।

## ସଂକ୍ଷେପରେ

### ପକ୍କା ରାସ୍ତା ନିର୍ମାଣ ଦାବି କଲେ ପଡ଼ାବାସୀ

**ଲାଠୋର, ୧୪।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ତଳିପଡା ରାସ୍ତା ଶୋଚନୀୟ ହୋଇପଡିଛି। ରାସ୍ତା ମଝିରେ ନଳକୂପ ପାଣି ଜମା ହୋଇ କର୍ଦ୍ଦମାକ୍ତ ହୋଇପଡିଛି। ଫଳରେ ସେହି ରାସ୍ତାରେ ଯାତାୟାତ କରିବା କଷ୍ଟକର ହେଉଛି। ଯାନବାହନ ଚଳାଚଳ ବେଳେ ପାଣି ଛିଟିକି ପଥଚାରୀଙ୍କୁ ଅସୁବିଧାରେ ପକାଉଛି। ଛୋଟବଡ ଦୁର୍ଘଟଣା ବି ଘଟୁଛି। ଦୀର୍ଘଦିନ ହେଲା ଦାବି ହୋଇ ଆସୁଥିଲେ ହେଁ ଏହାର ମରାମତି ଅଥବା ନବୀକରଣ କରାଯାଉନାହିଁ। ଏ ନେଇ ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲଙ୍କୁ ପଚାରିବାରୁ ଉକ୍ତ ରାସ୍ତା ନିର୍ମାଣ ପଞ୍ଚାୟତ ହାତରେ ନାହିଁ ତେଣୁ ବ୍ଲକ ପ୍ରଶାସନକୁ ଅନୁରୋଧ କରାଯାଇଛି ବୋଲି କହିଛନ୍ତି। ଏହି ରାସ୍ତା ଦେଇ ଲୋକ କନ୍ହେଇଛାପର, ପିପଲବାହାଲ ଏବଂ ଲାଠୋର ବସ୍ତିକୁ ଯିବା ଆସିବା କରୁଥିବାରୁ ଅବିଳମ୍ବେ ଏ ନେଇ ପଦକ୍ଷେପ ନେବାକୁ ଦାବି ହେଉଛି।

### ରାଜ୍ୟ କୃଷକ ସଙ୍ଗଠନ ବୈଠକ

**ଅତାବିରା, ୧୪।୩ (ଡି.ଏନ.ଏ):** ଅତାବିରା ବ୍ଲକ ବାଟିମୁଣ୍ଡା ଗ୍ରାମରେ ରାଜ୍ୟ କୃଷକ ସଙ୍ଗଠନର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ଚାଷୀ ବୈଠକରେ ଅଂଶଗ୍ରହଣ କରିଥିଲେ। ସରକାର ବର୍ତ୍ତମାନ ରବି ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ କରୁଥିବା ବେଳେ ଚାଷୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନୂତନ କୃଷି ଆଇନକୁ ବିରୋଧ କରିବା ସହିତ ରବିଧାନ ପଞ୍ଜୀକରଣ ନୀତି ଠିକ୍ ନ ଥିବାରୁ ଶତକଡା ୩୦ ପ୍ରତିଶତ ଚାଷୀ ପଞ୍ଜୀକରଣ କରିପାରିବେ ବୋଲି ସଙ୍ଗଠନର କର୍ମକର୍ତ୍ତାମାନେ କହିଥିଲେ। ୭୦ଭାଗ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେବେ ବୋଲି ଚାଷୀମାନେ ଆଶଙ୍କା ପ୍ରକଟ କରିଥିଲେ। ଡୋଲାମଣି ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କ୍ଷୀରୋଦ୍ର ସାହୁ, ପଦ୍ମନ ସାହୁ, ଗୋଲକ ଚନ୍ଦ୍ର ଭୋଇ ନୂତନ କୃଷି ଆଇନ ବିଷୟରେ ଉଦ୍‌ବୋଧନ ଦେଇଥିଲେ।

### ମଧୁମେହ ନିରୂପଣ ଶିବିର

**ଡୁଙ୍ଗୁରିପାଲି, ୧୪।୩ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ପଞ୍ଚାୟତ ପରିସରରେ ଡୁଙ୍ଗୁରିପାଲିର ଲାୟନ୍ସ କ୍ଲବ ପକ୍ଷରୁ ରବିବାର ମଧୁମେୟ ନିରୂପଣ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଡୁଙ୍ଗୁରିପାଲି ଅଞ୍ଚଳର ବିଭିନ୍ନ ଗ୍ରାମର ୧୦୧ଜଣ ପରୀକ୍ଷା କରି ଚିକିତ୍ସା କରାଇଥିଲେ। ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଟେକ୍ନିସିଆନ୍ ଉତ୍କଳ ନାଏକ ଓ ସୁଶାନ୍ତ କୁମାର ଭୋଇ ରୋଗୀମାନଙ୍କୁ ଚିକିତ୍ସା କରାଇଥିଲେ। ଶିବିର ପରିଚାଳନାରେ ଥବୀର ସେନାପତି ସହଯୋଗ କରିଥିଲେ। ଡୁଙ୍ଗୁରିପାଲି ଲାୟନ୍ସ କ୍ଲବର ସଭାପତିଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ।

### ଅଖିଳ ଭାରତୀୟ ସାହିତ୍ୟ ପରିଷଦର ବସନ୍ତ ଆସର

**ବଲାଙ୍ଗୀର ଅଫିସ, ୧୪।୩:** ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗୀର ଶାଖା ପକ୍ଷରୁ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆଙ୍କ ସଭାପତିତ୍ୱରେ ରବିବାର ବସନ୍ତ ଆବାହନୀ କବିତା ଆସରର ଏକ ୱେବ ସଂଗୋଷ୍ଠୀ ଆୟୋଜିତ ହୋଇଥିଲା। ସୁଶ୍ରୀ ସବିତା ଭୋଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସୁଶ୍ରୀ ସଞ୍ଜୁକ୍ତା ପରିଛା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଋତୁରାଜ ବସନ୍ତକୁ ସ୍ୱାଗତ ଜଣାଇ କବି ନେପାଳ ବାଗ, ଡ. ଅଶୋକ କୁମାର ସେଠୀ, ଜ୍ୟୋତିରାଣୀ ମିଶ୍ର, ପ୍ରତିମା ମେହେର, ମାଳତୀ ଉଦ୍‌ଗାତା, ଡ. ସଦାବିହାରୀ ସାହୁ, ଗୀତାଞ୍ଜଳି ରଥ, କସ୍ତୁରୀ ରଥ, ସୁରୁଚି ମିଶ୍ର, ଜ୍ୟୋତ୍ସ୍ନା ମିଶ୍ର, କବିତା ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଧର୍ମବ୍ରତ ରଥ ଏବଂ ଜିଲା ଉପସଭାପତି ଅଚ୍ୟୁତାନନ୍ଦ ଉଦ୍‌ଗାତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କର୍ମକାଣ୍ଡୀୟ ସମିତିର ନୂଆ କର୍ମକର୍ତ୍ତା

**ଅତାବିରା, ୧୪।୩ (ଡି.ଏନ.ଏ):** ପଶ୍ଚିମୋତ୍କଳ କର୍ମକାଣ୍ଡୀୟ ସମିତିର ଏକ ବୈଠକ ପଣ୍ଡିତ ଶିବଶଙ୍କର ଦାଶଙ୍କ ଅଧ୍ୟକ୍ଷତାରେ ଗୌରିଶଙ୍କର ମନ୍ଦିରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମିତିର ବିକାଶ, ଉନ୍ନତି ତଥା ସଙ୍ଗଠନ ସୁଦୃଢ଼ ଉପରେ ଆଲୋଚନା ସହିତ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ପଣ୍ଡିତ ନରସିଂହ ଶତପଥି ସଭାପତି, କିଶୋର ଚନ୍ଦ୍ର ଦାଶ ସମ୍ପାଦକ, ଆଲୋକ ପଣ୍ଡା କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। କୁଳମଣି ମହାପାତ୍ର, କୈଳାଶ ପଣ୍ଡା, ଶୁଭ୍ରାଂଶୁ ଶେଖର ମିଶ୍ର, ମୁରଲୀଧର ପଣ୍ଡା, କିର୍ତ୍ତିଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଠିକାଦାରଙ୍କୁ ଦୋଷ ଲଦି ବିଭାଗ ଚୁପ୍

**ଅମରପାଲି, ୧୪।୩ (ଡି.ଏନ.ଏ)**

- ଆଠ ମାସ ହେଲା ମୁର୍ଷୁଣ୍ଡୀ ଜଳ ପ୍ରକଳ୍ପ ଅଚଳ
- ଅଭିଯୋଗ ପରେ ବି ମରାମତି କରୁନି ବିଭାଗ
- ପାନୀୟ ଜଳ ପାଇଁ ଲୋକେ ହନ୍ତସନ୍ତ


ଅଚଳ ଓଭରହେଡ ଟାଙ୍କି।

ଆଠ ମାସ ହେଲା ଅଚଳ ହୋଇଛି ଜଳ ଯୋଗାଣ ପ୍ରକଳ୍ପ। ପାନୀୟ ଜଳ ପାଇଁ ଗ୍ରାମବାସୀ ହେଉଛନ୍ତି ହନ୍ତସନ୍ତ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀ ଗ୍ରାମରେ ଏବେ ଦେଖାଦେଲାଣି ଜଳକଷ୍ଟ। ଗ୍ରାମରେ ଥିବା ନଳକୂପଗୁଡିକ ମଧ୍ୟରୁ କେତେକ ଅଚଳ ହୋଇପଡିଥିବା ବେଳେ ଆଉ କେତେକରୁ ପାନୀୟ ଉପଯୋଗୀ ଜଳ ବାହାରୁ ନାହିଁ। ଗ୍ରାମରେ ଥିବା ପୋଖରୀଗୁଡିକ ଏବେ ପ୍ରାୟ ଶୁଷ୍କ ଅବସ୍ଥାକୁ ଆସିଗଲାଣି। ଏପରିସ୍ଥଳେ ଗାଁରେ ଥିବା ଜଳ ଯୋଗାଣ ପ୍ରକଳ୍ପ ଜଳକଷ୍ଟ ଦୂର କରିବାର ଆଶା କରାଯାଉଥିଲା। ହେଲେ ଗତ ଆଠ ମାସ ହେଲା ଏହି ପ୍ରକଳ୍ପ ଅଚଳ ହୋଇପଡଛି। ପ୍ରକଳ୍ପର ଟାଙ୍କି ଅଛି, ବିଦ୍ୟୁତ୍ ସଂଯୋଗ ହୋଇଛି, ଷ୍ଟାଣ୍ଡପୋଷ୍ଟ ଲାଗିଛି। ମାତ୍ର ପାଇପ ବିଛାଯାଇଥିବା କିଛି ଅଂଶ ଫାଟିଯାଇଛି। ଏହାର ମରାମତି କରାଯାଉନାହିଁ। ଏ ନେଇ ଗ୍ରାମବାସୀ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅନେକ ଥର ଅଭିଯୋଗ କରିଛନ୍ତି। ହେଲେ କୌଣସି ସୁଫଳ ମିଳିନାହିଁ। ଆଗକୁ ଗ୍ରୀଷ୍ମର ପ୍ରକୋପ ଆହୁରି ବଢ଼ିବାକୁ ଥିବାରୁ ପାନୀୟ ଜଳ ସଙ୍କଟ ଦେଖାଦେବା ନିଶ୍ଚିତ।

ସାତ ୱାର୍ଡ ବିଶିଷ୍ଟ ମୁର୍ଷୁଣ୍ଡୀ ଗ୍ରାମର ଲୋକସଂଖ୍ୟା ୪ହଜାରରୁ ଊର୍ଦ୍ଧ୍ୱ। ଏହି ଗ୍ରାମରେ ପଞ୍ଚାୟତ କାର୍ଯ୍ୟାଳୟ, କୃଷି ସେବା ସମବାୟ ସମିତି, ଷ୍ଟେଟ ବ୍ୟାଙ୍କ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଡାକଘର, ସହଜ ଜନସେବା କେନ୍ଦ୍ର, ଗ୍ୟାସ ବିତରଣ କେନ୍ଦ୍ର ସହିତ ଦୋକାନ ବଜାର ରହିଛି। ଏତେ ବ୍ୟସ୍ତବହୁଳ ଗାଁକୁ ଜଳଯୋଗାଣ ହେଉ ନ ଥିବାରୁ ଲୋକେ ମଧ୍ୟ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଅନନ୍ୟୋପାୟ ହୋଇ ଗ୍ରାମବାସୀ ପାଣି ପାଇଁ ପ୍ରାୟ ୨କି.ମି. ଦୂରରେ ଥିବା ହରିହର ଯୋର ଉପରେ ନିର୍ଭର କରୁଛନ୍ତି। ଯଥାଶୀଘ୍ର ଅଚଳ ହୋଇ ପଡିଥିବା ପ୍ରକଳ୍ପ ମରାମତି କରି ଗାଁରେ ଜଳ ଯୋଗାଣ ସ୍ୱାଭାବିକ କରିବାକୁ ଦାବି ହେଉଛି। ଏନେଇ ବିଭାଗୀୟ ଯନ୍ତ୍ରୀ ଦିଲୀପ କୁମାର ପ୍ରଧାନଙ୍କୁ ପଚାରିବାରୁ ଠିକାଦାରଙ୍କୁ ପାଇପ ମରାମତି ପାଇଁ ଦାୟିତ୍ୱ ଦିଆଯାଇଛି। ମାତ୍ର ସେ ବିଳମ୍ବ କରୁଥିବାରୁ ଜଳ ଯୋଗାଣ ସମ୍ଭବ ହୋଇପାରୁ ନାହିଁ ବୋଲି ଦିଲୀପ କହିଛନ୍ତି।

## ଟାଉନ ହଲ ପରିସରକୁ ସ୍ଥାନାନ୍ତର ହେଲା ଦୈନିକ ବଜାର


ସୋନପୁର ଟାଉନ ହଲ ପରିସରକୁ ସ୍ଥାନାନ୍ତର ହୋଇଛି ଦୈନିକ ବଜାର।

**ସୋନପୁର,୧୪।୩(ନି.ପ୍ର.)**

ସୋନପୁର ସହରର ଦୈନିକ ପନିପରିବା ବଜାର ଗାନ୍ଧୀ ପଡିଆରୁ ଟାଉନ ହଲ ପରିସରକୁ ସ୍ଥାନାନ୍ତରିତ ହୋଇଛି। ପୂର୍ବରୁ ସହରର ମଝିପଡାଠାରେ ଦୈନିକ ବଜାର ବସୁଥିଲା। ଗହଳି ଲାଗି ରହୁଥିଲା। ସାମାଜିକ ଦୂରତ୍ୱ ବଜାୟ ରଖିବା ସମ୍ଭବ ନ ହେବାରୁ କୋଭିଡ୍ କଟକଣା ସ୍ୱରୂପ ଏହି ଦୈନିକ ବଜାରକୁ ସେତେବେଳ ଗାନ୍ଧୀ ପଡିଆକୁ ସ୍ଥାନାନ୍ତର କରାଯାଇଥିଲା। ପଡିଆରେ ବଜାର ବସିବା ଯୋଗୁଁ ସହରରେ ଖେଳକୁଦ ଉପରେ ଏକ ପ୍ରକାର ରୋକ ଲାଗିଥିଲା। ଯୁବତୀ ଯୁବକ କ୍ରୀଡା ଅଭ୍ୟାସରୁ ବଞ୍ଚିତ ହୋଇଥିଲେ। ତେବେ କୋଭିଡ୍ କଟକଣା କୋହଳ ହେବା ପରେ ଦୈନିକ ବଜାରକୁ ଗାନ୍ଧୀ ପଡିଆରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଜିଲା କ୍ରୀଡା ସଂଘ, ଜିଲା କ୍ରିକେଟ୍ ସଂଘ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲା। ବିଳମ୍ବରେ ହେଲେ ମଧ୍ୟ ପୌର ପ୍ରଶାସନ କ୍ରୀଡାବିତ୍‌ଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଦକ୍ଷେପ ନେଇଛି। ଦୈନିକ ବଜାରକୁ ଅବ୍ୟବହୃତ ଅବସ୍ଥାରେ ଥିବା ଟାଉନ ହଲ ପରିସରକୁ ସ୍ଥାନାନ୍ତର କରା ଯାଇଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଜୁନିୟର ରେଡକ୍ରସ୍ ତାଲିମ ଶିବିର ଉଦ୍‌ଘାଟିତ

**ଅତାବିରା, ୧୪।୩ (ଡି.ଏନ.ଏ)**


ଶିବିରରେ ଯୋଗ ଦେଇଥିବା ସାଧନ କର୍ମୀ ଓ ଅତିଥିବୃନ୍ଦ।

ବରଗଡ ଜିଲା ଅତାବିରା ବ୍ଲକ ଗୋଡଭଗା ଜନତା ଉଚ୍ଚବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଜୁନିୟର ରେଡକ୍ରସ୍ ତାଲିମ ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଦନ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରଗଡ ଡିଇଓ ମିତ୍ରଭାନୁ କଚ୍ଛପ ମୁଖ୍ୟଅତିଥି, ଧନକଉଡା ବ୍ଲକ ଅଧ୍ୟକ୍ଷା ସୁଷମା ସାହୁ, ଗୋଡଭଗା ସରପଞ୍ଚ କମଳାକାନ୍ତ ଛନ୍ଦ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆକସ୍ମିକ ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ ଆଦି ପରିସ୍ଥିତିକୁ ଧୈର୍ଯ୍ୟହରା ନ ହୋଇ ସାମ୍ନା କରିବା ସହିତ ପ୍ରାଥମିକ ଚିକିତ୍ସା କରିବା, ସମାଜ ସେବା ସହ ପରସ୍ପର ପ୍ରତି ବନ୍ଧୁତ୍ୱ ସ୍ଥାପନ କରିବା ଦିଗରେ ଛାତ୍ରୀଛାତ୍ରମାନଙ୍କୁ ଆବଶ୍ୟକୀୟ ତାଲିମ ଦେବା ଏହି ଶିବିରର ଉଦ୍ଦେଶ୍ୟ ବୋଲି ବକ୍ତାମାନେ କହିଥିଲେ। ଜିଲା ଜେଆରସି କୋଚ୍ ମହେନ୍ଦ୍ର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲା ଶାରୀରିକ ଶିକ୍ଷାଧିକାରୀ ଆଶୁତୋଷ ଦେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସାଧନ କର୍ମୀ ମନୋଜ ସାହୁ, ଭୁବନେଶ୍ୱର ମହାକୁର, ରମେଶ ସେଠ, ଶୁଭଶ୍ରୀ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ୩୦ ଜଣ କାଉନସେଲରଙ୍କୁ ଶିବିରରେ ତାଲିମ ପ୍ରଦାନ କରାଯିବ। ଶେଷରେ ଶିକ୍ଷକ ଧର୍ମରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ଯାତିତ ଦାଦନ ପରିବାର ଉଦ୍ଧାର ପାଇଁ ତତ୍ପରତା ନାହିଁ

**ଲାଠୋର, ୧୪।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରଖୋଲ ବ୍ଲକ ମାଲପଡା ଗ୍ରାମର ଏକ ଦାଦନ ପରିବାର ତେଲେଙ୍ଗାନାରେ ନିର୍ଯାତିତ ହେଉଥିବା ନେଇ ଶ୍ରମ ବିଭାଗକୁ ଅବଗତ କରିବା ୫ଦିନ ବିତିଛି। ହେଲେ ତାଙ୍କୁ ଉଦ୍ଧାର କରିବା ଦିଗରେ ଶ୍ରମ ବିଭାଗ ତତ୍ପରତା ପ୍ରକାଶ କରୁ ନ ଥିବା ନିର୍ଯାତିତ ପରିବାରଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ଗତ ଫେବୃୟାରୀରେ ମାଲପଡାର କେଶଧର ସୁନାଙ୍କ ପରିବାର ତେଲେଙ୍ଗାନା ରାଜ୍ୟ ରେଙ୍ଗାରେଡି ଜିଲା ଗୁମୁଡାଭେଲିର ରାମବାବୁଙ୍କ ଇଟା ଭାଟିରେ କାମ କରିବାକୁ ଯାଇଥିଲେ। ସେଠାରେ କିଛି ଦିନ କାମ କଲା ପରେ ମାଲିକ ଅଧିକ ସମୟ ପର୍ଯ୍ୟନ୍ତ ବଳପୂର୍ବକ କାମ କରାଉଛନ୍ତି। ଏପରିକି କେଶଧରଙ୍କ ରକ୍ତଶିକୁଳି ରୋଗାକ୍ରାନ୍ତ ନାବାଳିକା ଝିଅକୁ ମଧ୍ୟ କାମ କରାଉଛନ୍ତି। ଦେହ ଖରାପ ହେଲେ ଚିକିତ୍ସା ପାଇଁ ହସ୍ପିଟାଲ ଯିବା ପାଇଁ ମଧ୍ୟ ଛାଡୁ ନାହାନ୍ତି। ଏଥିରେ ପ୍ରତିବାଦ କଲେ ମାଲିକ ଲୋକ ଲଗାଇ ଶ୍ରମିକମାନଙ୍କୁ ମାଡ ମାରୁଛନ୍ତି। ଫଳରେ କେଶଧରଙ୍କ ଝିଅ ପିଙ୍କି ଫୋନ ଯୋଗେ ଗାଁର ନିଜ ସମ୍ପର୍କୀୟଙ୍କୁ ଘଟଣା ବିଷୟରେ ଜଣାଇ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଥିଲେ। ସମ୍ପର୍କୀୟମାନେ ଖପ୍ରଖୋଲ ବିଡିଓଙ୍କୁ ଉଦ୍ଧାର ପାଇଁ ନିବେଦନ କରିଥିଲେ। ହେଲେ ସମ୍ପୃକ୍ତ ଶ୍ରମିକ ପରିବାରଙ୍କୁ ଶ୍ରମ ବିଭାଗ ଉଦ୍ଧାର ନ କରି ସମୟ ଗଡେଇ ଚାଲିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ଶ୍ରମ ଅଧିକାରୀ ସୁରେଶ ବେହେରାଙ୍କୁ ତାଙ୍କ ମୋବାଇଲ ନଂ ୯୪୩୭୧୮୮୧୬୩ରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ।

## ମାହେଶ୍ୱରୀ କ୍ରିକେଟ : ସେମିରେ ଭାଲିଆପଦର, କେଞ୍ଜିରିଆପାଲି


ଉଦଘାଟନୀ ଉତ୍ସବରେ ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

**ଅମରପାଲି, ୧୪।୩ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଭାଲିଆପଦରରେ ସପ୍ତମ ମାଁ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କ୍ରୀଡାବିତ୍ ନିରୋଦ ପାଣ୍ଡେ ଓ ଦଶରଥ ମେହେର ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ଭାଲିଆପଦର ଓ ଜନକପୁର ମଧ୍ୟରେ ହୋଇଥିଲା। ଏଥିରେ ଭାଲିଆପଦର ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ପୁଲେଶ୍ୱର ଓ କାନପୁର ମଧ୍ୟରେ ହୋଇଥିଲା। ଏଥିରେ ପୁଲେଶ୍ୱର ବିଜୟୀ ହୋଇଥିଲା। ପ୍ରଥମ କ୍ୱାର୍ଟର ଫାଇନାଲରେ ପୁଲେଶ୍ୱରକୁ ହରାଇ ଭାଲିଆପଦର ସେମିଫାଇନାଲରେ ପ୍ରବେଶ କରିଛି। ଚତୁର୍ଥ ମ୍ୟାଚରେ ଷଣ୍ଢାକୁ କେଞ୍ଜିରିଆପାଲି ହରାଇଥିବା ବେଳେ ପଞ୍ଚମ ମ୍ୟାଚରେ ଦେଉଳିକୁ ହରେଇ ତେଲିପାଲି ବିଜୟୀ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟର ଫାଇନାଲ ତେଲିପାଲି ଓ କେଞ୍ଜିରିଆପାଲି ମଧ୍ୟରେ ହୋଇଥିଲା। ଏଥିରେ କେଞ୍ଜିରିଆପାଲି ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଖେଳଗୁଡିକରେ ରାଜକୁମାର ମହାନନ୍ଦ ଓ ରିଙ୍କୁ ହାତୀ ଅମ୍ପେୟାର, ସୁଧୀର ପଣ୍ଡା ସ୍କୋରିଂ ଓ ରାଜେଶ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ।

## ଉତ୍କଳ ସାହିତ୍ୟ ସମାଜର ତୃତୀୟ ବସନ୍ତ ଉତ୍ସବ

**ତରଭା, ୧୪।୩(ଡି.ଏନ.ଏ.)**



ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଉତ୍କଳ ସାହିତ୍ୟ ସମାଜ ତରଭା ଶାଖା ତରଫରୁ ତୃତୀୟ ବସନ୍ତ ଉତ୍ସବ ଭଦ୍ରାପାଲି ଏଲିଜିୟମ ଉଦ୍ୟାନଠାରେ ରବିବାର ପାଳନ କରାଯାଇଛି। ଅକ୍ଷୟ କୁମାର ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅଧ୍ୟାପକ ଡ.ସୌରଭ ରଞ୍ଜନ ଖମାରୀ, ସମ୍ମାନିତ ଅତିଥି ଅଧ୍ୟାପକ ସରୋଜ ଜଗଦଲା, ତରଭା ପୂର୍ବତନ ନଗରପାଳ ଶୈଳେନ୍ଦ୍ର କୁମାର ସାହୁ, ଶିକ୍ଷାବିତ୍ ହରିବନ୍ଧୁ ପାଣିଗ୍ରାହୀ, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷା ସଂଯୁକ୍ତ ବାଈ ଯୋଗଦେଇଥିଲେ। ହିରଣ୍ମୟ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭୁବନେଶ୍ୱରଠାରେ ଚିକିତ୍ସିତ ଉତ୍କଳ ସାହିତ୍ୟ ସମାଜ ତରଭା ଶାଖା ସଭାପତି ଡ.ରମେଶ ପତ୍ରୀଙ୍କ ଆରୋଗ୍ୟ କାମନା କରାଯାଇଥିଲା। ଅତିଥିମାନେ ବସନ୍ତ ଉତ୍ସବ ୨୦୨୧କୁ ନେଇ ତାଙ୍କର ବକ୍ତବ୍ୟରେ ଓଡିଆ ସାହିତ୍ୟରେ ବସନ୍ତର ଋତୁ ଉପରେ ଆଲୋଚନା କରିଥିଲେ। କବି ବନବାସ ମେହେର ଓ କବୟିତ୍ରୀ ଚାନ୍ଦିନୀ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଏକ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା। ବନବାସ ମେହେର, ଶାନ୍ତନୁ ପଣ୍ଡା, କୁଞ୍ଜବିହାରୀ ପଟ୍ଟନାୟକ, ପ୍ରହ୍ଲାଦ ମେହେର, ରୋଶନ ସାହୁ, ଶିଶୁକବି ପ୍ରତ୍ୟୁଷ କୁମାର ମେହେର,ଜୟକିଶୋର ସାହୁ ଓ ସୁଶ୍ରୀ ଚାନ୍ଦିନୀ ମେହେର ପ୍ରମୁଖ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଏହି କବିତା ପାଠୋତ୍ସବକୁ ସନ୍ତୋଷିନୀ ନନ୍ଦ ସଂଯୋଜନା କରିଥିଲେ।

## ଖଇର କାଠ ଚାଲାଣ ଘଟଣା: ଜେଲଗଲେ ୩ ଅଭିଯୁକ୍ତ

**ଲୋଇସିଂହା,୧୪।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ରେଞ୍ଜ ଅନ୍ତର୍ଗତ କରକଟିଆ ଛକ ନିକଟରୁ ବନ ବିଭାଗ ଚଢାଉ କରି ୧୫ ଟନ ଖଇର କାଠ ଜବତ କରିଥିଲା। ଏହି ଘଟଣାରେ ଏକ ଟ୍ରକ ଓ କାର ଜବତ ହୋଇଥିଲା। କାଠ ଚୋରା ଚାଲାଣ କାରବାରରେ ଗିରଫ ସମ୍ବଲପୁର ସହର ପେନସନପଡା ସଜନ ଖାନ(୫୭), ସୁରଜିତସିଂ(୫୭) ଓ ମୁନ୍ନା ଖାନ(୩୮)କୁ ରବିବାର ସ୍ଥାନୀୟ ବନ ବିଭାଗ ପକ୍ଷରୁ ଲୋଇସିଂହା କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏନେଇ ବନବିଭାଗ ପକ୍ଷରୁ ଏକ ମାମଲା (ନଂ.୨୮୦/୨୦-୨୧) ରୁଜୁ ହୋଇଛି।

## ଜିଲା ଓଷ୍ଟା କାର୍ଯ୍ୟକାରିଣୀ ବୈଠକ

**ବଲାଙ୍ଗୀର ଅଫିସ, ୧୪।୩**

ବଲାଙ୍ଗୀର ଜିଲା ଓଷ୍ଟା କାର୍ଯ୍ୟକାରିଣୀ ବୈଠକ ସଭାପତି ଛାୟାକାନ୍ତ ସାହୁଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଥିଲା। ସଭାରେ ଜିଲା ସମ୍ପାଦକ କୁଶଧ୍ୱଜ ସାହୁ ସଭା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବଲାଙ୍ଗୀର ଜିଲା ଶିକ୍ଷକ ଭବନ ପଟ୍ଟା ବିଷୟରେ ବଲାଙ୍ଗୀର ତହସିଲ ଅଫିସକୁ ଯାଇ ବୁଝାସୁଝା କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ମାର୍ଚ୍ଚ ୨୫ତାରିଖ ସୁଦ୍ଧା ସଭ୍ୟ ଫର୍ମ ସହ ଦେୟ ପୈଠ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା। ପ୍ରତି ମାସ ୨୦ ତାରିଖରେ ଜିଲାସ୍ତରୀୟ ଓଷ୍ଟା ଅଫିସ ଖୋଲା ରଖି ଜିଲାସ୍ତରୀୟ ସମସ୍ୟା ଓ ବ୍ୟକ୍ତିଗତ ସମସ୍ୟା ଅବଗତ କରାଯିବ। ଆସନ୍ତା ଅପ୍ରେଲ ୨୪ ଓ ୨୫ତାରିଖ ଜିଲାସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ କରାଯିବାକୁ ସ୍ଥିର କରାଯାଇଛି। ପ୍ରଶ୍ନପତ୍ର ବିତରଣ ପାଇଁ ବଲାଙ୍ଗୀର ଓ ପାଟଣାଗଡ ଦୁଇଟି ବିତରଣ କେନ୍ଦ୍ର ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ଉକ୍ତ ବୈଠକରେ ରାଜ୍ୟ ଓଷ୍ଟା ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ପୁରନ୍ଦର ଦାସ, ସୁଧାଂଶୁ ବାବୁ, ଜଳନ୍ଦର ମହାକୁଡ ଓ ସମସ୍ତ ବ୍ଲକ ସମ୍ପାଦକ ତଥା ଜିଲାସ୍ତରୀୟ ସମସ୍ତ କାର୍ଯ୍ୟକାରୀ ସଭ୍ୟାସଭ୍ୟ ବକ୍ତବ୍ୟ ରଖିଥିଲେ।


ଓଷ୍ଟା କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା।

# ଆକାଶବାଣୀ ହିଁ ଦୁର୍ଗମ ଅଞ୍ଚଳର ସାଥୀ

**ବରଗଡ଼ ଅଫିସ୍,୧୪।୩**

### ବରଗଡ଼ରେ ରାଜ୍ୟସ୍ତରୀୟ ଶ୍ରୋତା ସମ୍ମିଳନୀ



ଆକାଶବାଣୀ ରାଜ୍ୟସ୍ତରୀୟ ଶ୍ରୋତା ସମ୍ମିଳନୀରେ ମଞ୍ଚାସୀନ ଅତିଥି, ସଂଘର କର୍ମକର୍ତ୍ତାବୃନ୍ଦ।

ସମୟ ସହିତ ତାଳ ଦେଇ ପରିବର୍ତ୍ତନର ସ୍ୱରକୁ ଆପଣେଇଛି ଆକାଶବାଣୀ। ସବୁବେଳେ କାର୍ଯ୍ୟକ୍ରମ ପ୍ରସାରଣରେ ନୂତନତ୍ୱ ଆଣୁଛି। ଏପରିକି ଯେଉଁ ସ୍ଥାନକୁ ଅନ୍ୟାନ୍ୟ ମିଡ଼ିଆ ପହଞ୍ଚିବାରେ ବିଳମ୍ବ ହୁଏ, ସେହି ସ୍ଥାନରେ ଆକାଶବାଣୀ ଅତି ସହଜରେ ଶୀଘ୍ର ପହଞ୍ଚି ପାରିଥାଏ। ତେଣୁ ଆକାଶବାଣୀ ହିଁ ଦୁର୍ଗମ ଅଞ୍ଚଳର ସାଥୀ କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ରବିବାର ଅନୁଷ୍ଠିତ ୨୬ତମ ରାଜ୍ୟସ୍ତରୀୟ ଆକାଶବାଣୀ ଶ୍ରୋତା ସମ୍ମିଳନୀରେ ବକ୍ତାମାନେ ମତପ୍ରକାଶ କରିଛନ୍ତି।

ଆକାଶବାଣୀ ସମ୍ବଲପୁର କାର୍ଯ୍ୟକ୍ରମ ମୁଖ୍ୟ ମନୋଜ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଛୋଟରୁ ବଡ଼, ଧନୀ, ଗରିବ ସମସ୍ତେ ଆକାଶବାଣୀର ଭରପୂର ସୁଯୋଗ ନେଇ ମନୋରଞ୍ଜନ ସହିତ ଜ୍ଞାନ ଆହରଣ କରିଥାନ୍ତି। ସିଭିଲ ସର୍ଭିସ ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ର ମଧ୍ୟ ଆକାଶବାଣୀ ମାଧ୍ୟମରେ ଜ୍ଞାନ ଅର୍ଜନ କରିଥାନ୍ତି। ତେଣୁ ଆଜି ମଧ୍ୟ ଆକାଶବାଣୀ ସମସ୍ତଙ୍କ ପ୍ରିୟ ହୋଇ ପାରିଛି। ପ୍ରଧାନମନ୍ତ୍ରୀ ଆକାଶବାଣୀ ମାଧ୍ୟମରେ ପରମାଣୁ ବୋମା ବିଷୟରେ ସୂଚନା ପାଇ ଆକାଶବାଣୀର ଗୁରୁତ୍ୱକୁ ହୃଦବୋଧ କରିଥିଲେ। ମନ୍ କି ବାତ୍ କାର୍ଯ୍ୟକ୍ରମ ରେଡ଼ିଓ ମାଧ୍ୟମରେ ପ୍ରସାରିତ କଲେ ସହଜରେ ସମସ୍ତଙ୍କ ପାଖରେ ପହଞ୍ଚି ପାରିବ ବୋଲି ଜାଣି ସେ ମନ କି ବାତ୍ କାର୍ଯ୍ୟକ୍ରମ କରିଥିଲେ ବୋଲି ପୂଜାରୀ କହିଥିଲେ। ବରଗଡ଼ ଏଫଏମ ରେଡ଼ିଓ ଗୁଞ୍ଜନର ମୁଖ୍ୟ ନିହାର ରଞ୍ଜନ ପଣ୍ଡା, କଳାପାଣି କଲେଜର ଅଧ୍ୟକ୍ଷ ମୋହନ ସାହୁ, ସମ୍ବଲପୁର ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଗାଳ୍ପିକା ଡଃ ତପସ୍ୱିନୀ ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୩ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରଗଡ଼ର ମୁରଲୀଧର ମେହେରଙ୍କୁ ପ୍ରତିଷ୍ଠାତା ସଭ୍ୟ ବିଷ୍ଣୁ ସାହୁ ଶ୍ରେଷ୍ଠ ଶ୍ରୋତା ସମ୍ମାନ, ଚଳଚ୍ଚିତ୍ର ଶଳାବୁଢ଼ାର ବଦଲାର କଳାକାର ରବିନ୍ଦ୍ର ସାହୁଙ୍କୁ ନାଟ୍ୟଗୁରୁ ହରେକୃଷ୍ଣ ପୂଜାରୀ ଶ୍ରେଷ୍ଠ କଳାକାର ସମ୍ମାନ ଏବଂ ଜେଠୁ ଭୋଇଙ୍କୁ ସମାଜସେବୀ ବିପିନ ବିହାରୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅମ୍ବାପାଲି ଆକାଶବାଣୀ ଶ୍ରୋତା ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଲକ୍ଷ୍ମଣ ସୁନା ସ୍ୱାଗତ ଭାଷଣ ଏବଂ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ବିବରଣୀ ପାଠ କରିଥିଲେ। ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଗୋପୀନାଥ ଦଣ୍ଡସେନା ସଭା ସଂଯୋଜନା କରିଥିଲେ। ଜଗନ୍ନାଥ ସାହୁ, ସୁଦାମ ସାହୁ, ରାଜକୁମାର ମହାକୁର, ଭବାନୀ ଦେହେରୀ, ଉଦୟ କିଶାନ, ସୁଦାମ ଗାଇଗରିଆ, ରାଜକୁମାର ମହାକୁର, ଧ୍ରୁବ ପ୍ରସାଦ ପଣ୍ଡା, ଆକାଶବାଣୀ ସମ୍ବଲପୁରର କାର୍ଯ୍ୟକ୍ରମ ଉଦଘୋଷକ ସୂର୍ଯ୍ୟ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର କନ୍ଧେର ପ୍ରମୁଖ ଉପସ୍ଥିତ ଥିଲେ।